



ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୦୯ ମାର୍ଚ୍ଚ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 09 MARCH 2024

Vol.No. 35 ■ No.68 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧







# ମୋଦୀ, ନବୀନ ନେବେ ନିଷ୍ପତ୍ତି

## ଆଲୋଚନା କରି ଦିଲ୍ଲୀରୁ ଫେରିଲେ ପାଣ୍ଡିଆନ ଓ ବବି, ବିଜେଡି ଶିବିରରେ ଦିନତମାମ ଚାଲିଲା କସରତ

ଭୁବନେଶ୍ୱର/ନୂଆଦିଲ୍ଲୀ: ବିଜେଡି ଓ ବିଜେପି ମଧ୍ୟରେ ମେଣ୍ଟ ହେବ ନା ନାହିଁ? ମେଣ୍ଟ ହେଲେ ଆସନ ଭାଗବଣ୍ଟା ସୂତ୍ର କଣ ହୋଇପାରେ? ଗତ ଦୁଇଦିନ ଧରି ଏଭଳି କିଛି ପ୍ରଶ୍ନକୁ ନେଇ ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ଉଠୁଛି। କିଛି ନେତା, ତଥାକଥିତ ରାଜନୈତିକ ବିଶେଷଜ୍ଞ ମେଣ୍ଟର ସ୍ୱରୂପ ନିର୍ଣ୍ଣୟ କରିସାରିଲେଣି ଓ ଆସନ ଭାଗବଣ୍ଟା ବି। ଆଉ କେହି କେହି ମେଣ୍ଟ ହେବନାହିଁ ବୋଲି ରୋକ୍‌ଠୋକ୍ ଶୁଣାଇ ଦେଲେଣି। ଅର୍ଥାତ୍ ପୂର୍ବଭଳି ବିଜେଡି-ବିଜେପି ଅଲଗା ଅଲଗା ଲଢ଼ିବେ। ହେଲେ ଅତି ବିଶ୍ୱସ୍ତ ସୂତ୍ରରୁ ମିଳୁଥିବା ସୂଚନା ଅନୁସାରେ, ବିଜେଡିର ଛାମୁଆ ନେତାମାନେ ଯେଉଁଭଳି ମେଣ୍ଟ ସଂକ୍ରାନ୍ତ ନିଷ୍ପତ୍ତି ଦଳର ମୁଖିଆ ନବୀନ ପଟ୍ଟନାୟକଙ୍କ ଉପରେ ନ୍ୟସ୍ତ କଲେ, କେନ୍ଦ୍ରୀୟ ବିଜେପି ଅନୁରୂପ ସୂତ୍ର ଆପଣାଇଛି। ରାଜ୍ୟ ବିଜେପିର କୋର୍ ଟିମ୍ ମେଣ୍ଟ ସଂକ୍ରାନ୍ତ ନିଷ୍ପତ୍ତି କେନ୍ଦ୍ରୀୟ ନେତାଙ୍କ ଉପରେ ନ୍ୟସ୍ତ କରିଛନ୍ତି। ଅର୍ଥାତ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ଦଳର ରାଷ୍ଟ୍ରୀୟ ସଭାପତି ଜେ ପି ନଡ୍ଡା ଏବେ ବିଜେଡି ମୁଖିଆ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରି ଶେଷ ନିଷ୍ପତ୍ତି ନେବେ। ଯେଉଁ କଥା ପାଇଁ ପ୍ରସଙ୍ଗଟି ଅଟକିଯାଇଛି ବୋଲି କୁହାଯାଉଛି, ତାହା ହେଲା- ଆସନ ଭାଗବଣ୍ଟାରେ ଆପାତତଃ ସହମତି ହୋଇପାରୁ ନାହିଁ।



▶▶ପୃଷ୍ଠା ୭

# ଆନ୍ତର୍ଜାତୀୟ ମହିଳା ଦିବସରେ ଗୃହିଣୀଙ୍କୁ ଉପହାର: ୧୦୦ ଟଙ୍କା କମିଲା ଗ୍ୟାସ୍ ଦର

ନୂଆଦିଲ୍ଲୀ, ୦୮/୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହିଳାମାନଙ୍କୁ ଏକ ସୁନ୍ଦର ଉପହାର ଦେଇଛନ୍ତି। ଏଲପିଜି ସିଲିଣ୍ଡର ମୂଲ୍ୟରେ ୧୦୦ ଟଙ୍କା ହ୍ରାସ କରିବାକୁ ମୋଦୀ ଘୋଷଣା କରିଛନ୍ତି। ସେ ଏକ ଏକ୍ସ ପୋଷ୍ଟ୍ କରି କହିଛନ୍ତି, "ଏହା ଦେଶର ଲକ୍ଷ ଲକ୍ଷ ପରିବାର ଉପରେ ରହିଥିବା ଆର୍ଥିକ ବୋଝକୁ ଯଥେଷ୍ଟ ସହଜ କରିବ।'' ଏହାସହିତ ସେ ଆହୁରି ବି ଲେଖିଛନ୍ତି, "ରନ୍ଧନ ଗ୍ୟାସକୁ ଅଧିକ ସୁଲଭ କରି ଆମେ ପରିବାରର ଉନ୍ନତି ତଥା ଏକ ସୁସ୍ଥ ପରିବେଶ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛୁ। ଏହା ମହିଳା ସଶକ୍ତିକରଣ ତଥା ସେମାନଙ୍କ ପାଇଁ 'ସହଜ ଜୀବନ' ସୁନିଶ୍ଚିତ କରିବା ପାଇଁ ଆମର ପ୍ରତିବଦ୍ଧତା ସହିତ ମେଳ ଖାଉଛି।'' ପୂର୍ବରୁ ମାର୍ଚ୍ଚ ୧ ତାରିଖରେ ଅଏଲ୍ ମାର୍କେଟିଂ କମ୍ପାନୀଗୁଡିକ (ଓଏମସି)

▶▶ପୃଷ୍ଠା ୭






# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ

କେନ୍ଦ୍ରାପଡ଼ା, ୦୮/୩ (ନି.ପ୍ର):"ନାରୀ- ଚେତନାର ଅସରନ୍ତି ଶକ୍ତି, ପୁଣି ପ୍ରେରଣାର ସୀମାହୀନ ସ୍ରୋତ। ସେମାନଙ୍କ ଆର୍ଥିକ ସଶକ୍ତି କରଣ ଉପରେ ନିର୍ଭର କରୁଛି ରୂପାନ୍ତର ସମାଜର ଚିତ୍ର।" ଛତାସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ପ୍ରତିଷ୍ଠାନ ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହରେ ଯୋଗ ଦେଇ ଏହା କହିଛନ୍ତି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ଏଇ ଅବସରରେ ଏହି ଅନୁଷ୍ଠାନରୁ ତାଲିମପ୍ରାପ୍ତ ଜିଲ୍ଲାର ୩୦ଜଣ ମା' ଭଉଣୀ ମାନଙ୍କୁ ସେ ସିଲାଇ ମେସିନ ଓ ଛତା ବଂଟନ କରିଥିଲେ। କହିଥିଲେ ଏଇ ସିଲେଇ ମେସିନରେ କେବଳ ଡ୍ରେସ୍ ସିଲେଇ ହେବନି, ବରଂ ଏଥିରୁ ଉପାର୍ଜିତ ଅର୍ଥରେ ଦୁଃଖ ଶୋକଭରା ଚିରାଫଟା ଜୀବନକୁ ମଧ୍ୟ ସିଲେଇ କରାଯାଇ ପାରିବ। ଆର୍ଥିକ ସ୍ୱାବଲମ୍ବନ ହିଁ ଆପଣମାନଙ୍କ ଜୀବନରେ ଆଣିପାରିବ ବ୍ୟାପକ ରୂପାନ୍ତର। ଏଇ ରୂପାନ୍ତର ଶେଷରେ ସୁସ୍ଥ ସମାଜର ଚିତ୍ରକୁ ପ୍ରତିଫଳିତ କରିବ। ଏହି ଦିବସକୁ ପ୍ରଦୀପ ପ୍ରଜ୍ୱୋଳନ ପୂର୍ବକ ଉଦ୍‌ଘାଟନ କରିଥିଲେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ। ପରେପରେ "ଇତ୍‌ନୀ ଶକ୍ତି ହମେ ଦେନା ଦାତା" ପ୍ରାର୍ଥନା ସମଗ୍ର ପରିବେଶକୁ କରିଦେଇ ଥିଲା ଭାବମୟ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍‌ର ଆଂଚଳିକ ପ୍ରବନ୍ଧକ ଦେବାଶିଷ ରଥ, ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ୍ ମୁଖ୍ୟ ପ୍ରବନ୍ଧକ ମନୋଜ କୁମାର ପ୍ରଧାନୀ, କେନ୍ଦ୍ରାପଡ଼ା ଏସ୍‌ବିଆଇ ମେନ୍ ବ୍ରାଂଚ୍‌ର ମୁଖ୍ୟ ପ୍ରବନ୍ଧକ ରମାକାନ୍ତ ବେହେରା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମ ନିଯୁକ୍ତି ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ବେହେରା, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥି ପରିଚୟ ଓ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଭାତ ମହାନ୍ତି। ସୂଚନା ଯୋଗ୍ୟ, ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ କରାଯାଇ ଥାଏ। ଚଳିତ ବର୍ଷର କ୍ୟାମ୍ପେନ୍ ଥିମ୍ "ଇନ୍‌ସ୍ପାୟାର୍ ଇନ୍‌କ୍ଲୁଜନ୍" ରହିଥିବା ବେଳେ ଥିମ୍ ରହିଛି "ଇନ୍‌ଭେଷ୍ଟ୍ ଇନ୍ ଓମେନ୍: ଆକ୍ସିଲରେଟ୍ ପ୍ରୋଗ୍ରେସ୍।"

# ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତି ବାର୍ଷିକ ସମ୍ମିଳନୀ

ମାଲକାନଗିରି, ୦୮/୩ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ଠାରେ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅଥିତି ଭାବେ ଅତିରିକ୍ତ ଜିଲ୍ଲାପାଳ ତ୍ରିନାଥ ମାଝୀ ଯୋଗ ଦେଇଥିବା ବେଳେ ଉପଜିଲ୍ଲାପାଳ ଦୁର୍ଯ୍ୟଧନ ଭୋଇ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ପତିତ ପାବନ ବୈଦ୍ୟ ଓ ପୌର ପରିଷଦ ଉପାଧ୍ୟକ୍ଷ କବିତା ମହନ୍ତ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଡ. ପ୍ରଫୁଲ କୁମାର ନନ୍ଦ ଓ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ, ଡ.ବ୍ରଜବନ୍ଧୁ ଦାଶ ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ ନନ୍ଦ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ, ସସ୍ମିତା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାର ସାତୋଟି ବ୍ଲକର ପ୍ରାୟ ୩୦୦ ଆଶା କର୍ମୀ, ଅଙ୍ଗନବାଡି କର୍ମୀ, ଏଏନଏମ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ବ୍ଲକ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହେତୁ ଜିଲ୍ଲାର ସାତୋଟି ବ୍ଲକ ର ପାଂଚ ଜଣ ଲେଖାଏଁ ଆଶା କର୍ମୀଙ୍କୁ ଟ୍ରଫି, ମାନପତ୍ର ଏବଂ ଅର୍ଥ ରାଶି ସହ ସମ୍ମାନୀତ କରାଯାଇଥିଲା । ଏହା ସହ ପ୍ରତ୍ୟେକ ବ୍ଲକର ଗୋଟିଏ ଲେଖାଏଁ ଗାଁ କଲ୍ୟାଣ ସମିତିକୁ ୧୦ ହଜାର ଟଙ୍କାର ଅର୍ଥରାଶି ଏବଂ ତିନିଟି ମହିଳା ଆରୋଗ୍ୟ ସମିତିକୁ ୩ ହଜାର ଲେଖାଏଁ ଅର୍ଥ ରାଶି ପ୍ରଦାନ କରି ସମ୍ମାନୀତ କରାଯାଇଛି । ଏହା ସହ ସାଂସ୍କୃତିକ କାର୍ଯ୍ୟକମ ରେ ଭାଗ ନେଇଥିବା ଆଶା କର୍ମୀ, ଏଏନଏମ ଟ୍ରେନିଂ ସ୍କୁଲ ଛାତ୍ରୀ ମାନଙ୍କୁ ଏବଂ କୁନି କୁନି ଶିଶୁ କଳାକାରଙ୍କୁ ଟ୍ରଫି ଏବଂ ମାନପତ୍ର ସହ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଜିତ କୁମାର ଦଳାଇ,ଡ. ଦୁର୍ଗା ପ୍ରସାଦ ରାଜ,ଓମ ପ୍ରକାଶ ସା ଓ ଡ଼. ପ୍ରାଣବିକା ସିଂ, ଦୁର୍ଗା ପ୍ରସାଦ ପ୍ରହରାଜ, ହରିବନ୍ଧୁ ଦେଶୀ ନାୟକ,ଶ୍ୟାମ ସୁନ୍ଦର ମାଝୀ, ଅଙ୍କିତ ଜୈନ, ସଚିନଦେବ ଗୌଡ଼ ସହଯୋଗ କରିଥିଲେ ।

## ବିଟ୍ ବଜାରରେ ଲୁଟେରାଙ୍କ ଆତଙ୍କ

କେନ୍ଦ୍ରାପଡ଼ା, ୦୮/୩ (ନି.ପ୍ର): କିଛିଦିନ ହେଲା କେନ୍ଦ୍ରାପଡା ସହରରେ କଳା ପଲସର ଆତଙ୍କ ବୃଦ୍ଧ ପାଇଛି । କଳା ପଲସର ରେ ହେଲମେଟ୍ ପିନ୍ଧି ଆସୁଥିବା ଏହି ଲୁଟେରା ମାନେ ବାଟୋଇଙ୍କ ବେକରୁ ଚେନ୍, ବ୍ୟାଗ୍, ମୋବାଇଲ ପ୍ରଭୃତି ଦାମିକିଆ ସାମଗ୍ରୀ ଛଡାଇ ନେଇ ଆଖି ପିଛୁଳାକେ ଉଭାନ ହୋଇ ଯାଉଥିବା ଦେଖିବାକୁ ମିଳୁଛି । ଗୁରୁବାର ମଧ୍ୟାହ୍ନରେ ସହରର ଗୁରୁତ୍ୱପୂର୍ଣ୍ଣ ଜନ ଗହଳି ସ୍ଥାନ ପୁରୁଣା ବସଷ୍ଟାଣ୍ଡ ଫାଣ୍ଡି ନିକଟରେ ଲୁଟେରାମାନେ ଠିକାଦାର ବାବୁ ସିଂହ ଓରଫ କିଶୋର କୁମାର ସିଂହଙ୍କ ବେକରୁ ଚେନ ଛିଡାଇ ନେବା ଉଦ୍ୟମ କରୁଥିବା ବେଳେ ଲୁଟେରାଙ୍କ ସହ ତାଙ୍କର ଟଣାଓଟରା ହୋଇଥିଲା ।

# କେନ୍ଦ୍ରାପଡ଼ା ବ୍ଲକରେ ସୌରଶକ୍ତି ଚାଳିତ ବିଦ୍ୟୁତ୍ ବ୍ୟବସ୍ଥା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୦୮/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ କାର୍ଯ୍ୟାଳୟ ଓ କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ୩୯ଟି ପଂଚାୟତର କାର୍ଯ୍ୟାଳୟ ଗୁଡିକୁ ସୌର ଶକ୍ତି ଚାଳିତ ବିଦ୍ୟୁତ୍‌କରଣ ବ୍ୟବସ୍ଥା ଆଜି ଉଦ୍‌ଘାଟିତ ହୋଇଯାଇଛି । ବିଧାୟକ ଶଶି ଭୂଷଣ ବେହେରାଙ୍କ ବିଧାୟକ ଅନୁଦାନ ପାଣ୍ଠିରୁ ପ୍ରାୟ ୧ କୋଟି ଟଙ୍କା ବ୍ୟୟ ଅଟକଳରେ ଏହି ସିଷ୍ଟମ୍ ଖଞ୍ଜାଯାଇ ଥିବା ସୂଚନା ମିଳିଛି । ଏଣିକି ସମସ୍ତ ବ୍ଲକ କାର୍ଯ୍ୟାଳୟ ଓ ପଚାୟତ କାର୍ଯ୍ୟାଳୟର ବିଦ୍ୟୁତ୍ ଉପଯୋଗ ପାଇଁ ଖର୍ଚ୍ଚ ହେଉଥିବା ମାସିକ ଲକ୍ଷ ଲକ୍ଷ ଟଙ୍କା ସଂଚୟ ହୋଇ ପାରିବ ବୋଲି ଜଣାପଡିଛି । ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ବିଡିଓ ବନ୍ଦନା ଖଟୁଆ, ବିଜେଡି ଜିଲ୍ଲା ସଭାପତି ଧିରେନ କୁମାର ସାହୁ, ମୋ ଓଡିଶା ଜିଲ୍ଲା ସଂଯୋଜକ ହିରଣ୍ୟ କୁମାର ପଣ୍ଡା, ବ୍ଲକ ସଭାପତି ଆଲୋକ କୁମାର ସାହୁ, ଓସ୍ତପୁର ସରପଂଚ ପ୍ରସନ୍ନ କୁମାର ରାଉତ, ଗାଙ୍ଗପଡା ସରପଂଚ ଅଶ୍ୱିନୀ କୁମାର ପାତ୍ର, ଯାଦବ ସଂଘ ସଭାପତି ପ୍ରଭାକର ପଲାଇ, ରଂଜନ କୁମାର କର, ରଶ୍ମି ରଂଜନ ଜେନା, ସେହ୍ନମୟୀ ସେନାପତି, ବିଜୟ କୁମାର ମଣ୍ଡଳ, ସରୋଜକାନ୍ତ ପଣ୍ଡା, ପୂର୍ବତନ କାଉନସିଲର ଦୁର୍ଗା ପ୍ରସାଦ ପତି, ବ୍ଲକ ମହିଳା ସଭାନେତ୍ରୀ ସୁମିତ୍ରା ପାଢୀ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

# ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ରର ଶୁଭଉଦଘାଟନ : ଜିଲ୍ଲାର ଭିନ୍ନକ୍ଷମଙ୍କୁ ମିଳିବ ସ୍ୱତନ୍ତ୍ର ଚିକିତ୍ସା, ସହାୟତା ଓ ପରାମର୍ଶ

ସୁବର୍ଣ୍ଣପୁର, ୦୮/୩ (ନି.ପ୍ର): କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରାଳୟ ତରଫରୁ ଆଜି ଜିଲ୍ଲାର ସଦର ମହକୁମା ଠାରେ ଡି ଡି ଆର ସି କେନ୍ଦ୍ରର ଶୁଭ ଉଦଘାଟନ ମାନ୍ୟବର କେନ୍ଦ୍ର ମନ୍ତ୍ରୀ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭଗ ଡ଼ ବୀରେନ୍ଦ୍ର କୁମାର ଙ୍କ କରକମଳରେ ଆଭାସୀ ଜରିଆରେ ଲୋକାର୍ପଣ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ସ୍ୱତନ୍ତ୍ର ସମାରୋହରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଏଡିପିଏଚଓ ଡ଼ ରମେଶ ଚନ୍ଦ୍ର ସ୍ୱାଇଁ, ବଲାଙ୍ଗୀର ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଶରତ ଶତପଥୀ, କ୍ରୀଡା ଅଧିକାରୀ ଚିତରଞ୍ଜନ ମିଶ୍ର, ଡି ଏସ ଏସ ଓ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ପ୍ରମୁଖ ମଂଚାସୀନ ରହିଥିଲେ। କାର୍ଯ୍ୟକ୍ରମରେ ୩ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ, ୨ ଜଣଙ୍କୁ ହୁଇଲ ଚେୟାର, ୨ ଜଣକୁ ଆଶା ବାଡ଼ି ଏବଂ ୫ ଜଣଙ୍କୁ ଶ୍ରବଣ ଯନ୍ତ୍ର ଉପସ୍ଥିତ ଅତିଥିବୃନ୍ଦଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଏହି ପୁନର୍ବାସ କେନ୍ଦ୍ର ଖୋଲିବା ଦ୍ୱାରା ଜିଲ୍ଲାର ଭିନ୍ନକ୍ଷମ ମାନଙ୍କ ପୁନର୍ବାସ କାର୍ଯ୍ୟକ୍ରମ ଯଥା ଭିନ୍ନକ୍ଷମ ଚିହ୍ନଟ, ୟୁ ଡି ଆଇ ଡି ପ୍ରମାଣପତ୍ର ପ୍ରଦାନ, ଭିନ୍ନକ୍ଷମ ପ୍ରତିରୋଧନିମନ୍ତେ ଆବଶ୍ୟକ ପଦକ୍ଷେପ, ଭିନ୍ନକ୍ଷମ ଙ୍କୁ ବିଭିନ୍ନ ସହାୟକ ଯନ୍ତ୍ର ପ୍ରଦାନରେ ସହାୟତା,ଶାରୀରିକ ସ୍ୱାସ୍ଥ୍ୟ ଚିକିତ୍ସା, କୃତ୍ରିମ ଅଙ୍ଗ ପ୍ରଦାନ, ସ୍ୱାବଲମ୍ବୀ ହେବା ନିମନ୍ତେ ପରାମର୍ଶ ସହ ଶୈଲ୍ୟ ଚିକିତ୍ସାର ସୁଧାର ପାଇଁ ଆବଶ୍ୟକ ପରାମର୍ଶ ଓ ସହାୟତା ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ ସଶକ୍ତିକରଣ ବିଭାଗର ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ବିଏସଏସଓ, ବୁଦ୍ଧିଜୀବୀ, ଓ ଡି ଡି ଆର ସି ର କର୍ମକର୍ତା, ସାମ୍ବାଦିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ପୋଲିସ ହାଇସ୍କୁଲ ବଲାଙ୍ଗିରରେ ପୂର୍ବତନ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଧନ୍ୟବାଦ ପତ୍ର ଅର୍ପଣ କାର୍ଯ୍ୟକ୍ରମ

ବଲାଙ୍ଗୀର, ୦୮/୩ (ନି.ପ୍ର): ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ ପ୍ରମାଣପତ୍ର ବିଦ୍ୟାଳୟର ପୁରାତନ ଛାତ୍ର ଛାତ୍ରୀ, ଯେଉଁମାନେ ବିଦ୍ୟାଳୟକୁ ସାହାଯ୍ୟ ଓ ସହଯୋଗର ହାତ ବଢାଇଛନ୍ତି ସେମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିପାଇଁ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ବିରାଟ କେଶରୀ ପ୍ରଧାନଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ବଲାଙ୍ଗିର ବ୍ଲକ ଶିକ୍ଷାଧିକାରୀ ପ୍ରଶାନ୍ତ କୁମାର ଯୋଷୀ, ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷା ବିଭାଗ ଅଧିକାରୀ ସନାତନ ଠାକୁର ଓ ସମ୍ମାନିତ ଅତିଥି ଭାବେ ସୁନାଧର ପାଣିଗ୍ରାହୀ ଏବଂ ଆଲୁମନି କମିଟିର ସଭାପତି ଗୋବିନ୍ଦ ବହିଦାର, ସଂପାଦକ ଜୟକିଶନ ରଣା, ଉପଦେଷ୍ଟା ଆନନ୍ଦ ଖୁଆସ ଏବଂ ସୁଦୟ ବାରିକ ଯୋଗ ଦେଇ ପୁରାତନ ଛାତ୍ର ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷକ ସରୋଜ କୁମାର ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

ବିଦ୍ୟାଳୟର କର୍ମଚାରୀ କୃଷ୍ଣପ୍ରୀୟା ପଣ୍ଡା, ଶରତ ନାଗ ଏବଂ ବିମଳ ଦନାୟତ ସହଯୋଗ କରିଥିଲେ । ବିଦ୍ୟାଳୟର ଅନ୍ୟ ଛାତ୍ର ଛାତ୍ରୀମାନେ ବିଦ୍ୟାଳୟ ସହ ସଂପର୍କ କରିବା ପାଇଁ ପ୍ରଧାନ ଶିକ୍ଷକ ଅନୁରୋଧ କରିଥିଲେ।

# ଜିଲ୍ଲାର କିଶୋର ବାଳକ ଶରତ ଘିବାଲା ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କୃତ

କନ୍ଧମାଳ, ୦୮/୩ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକର ଗୋଛାପଡା ଥାନା ଅର୍ନ୍ତଗତ କୋଏରୁମଂଟୁ ପଂଚୟାତର ସରଫିଗୁଡା ଗ୍ରାମର କିଶୋର ବାଳକ ଶରତ ଘିବାଲା ଆଜି ଲୋକସେବା ଭବନ, ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ମହିଳା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ପୁରସ୍କୃତ ହୋଇଛନ୍ତି । କନ୍ଧମାଳ ଜିଲ୍ଲାପ୍ରଶାସନ ଶରତଙ୍କ ନାମକୁ ସୁପାରିସ କରିଥିଲେ, ସେ ସ୍ୱାତୀ କାର୍ଯ୍ୟକରୁଥିବା ପ୍ରକଳ୍ପ ଅଂଚଳର ଜଣେ କିଶୋର ଅଟେ। ସେ ନିଜେ ତାର ଭଉଣୀର ବାଲ୍ୟ ବିବାହକୁ ୩ ବର୍ଷ ତଳେ ବନ୍ଦକରି ନିଜ ଅଂଚଳରେ ଚର୍ଚ୍ଚା କୁ ଆସିଥିଲେ। ତା'ପରେ ସବୁ ସମୟରେ ନିଜ ଭଉଣି ସହ ମିଶି ବାଲ୍ୟବିବାହ ବନ୍ଦ କରିବାରେ ଚେଷ୍ଟା ଜାରି ରଖିଛନ୍ତି। ତାପରେ ଛୋଟ ପିଲାଙ୍କୁ ପଢାଇବା ଆଦି କାମ କରି ସମସ୍ତ ଙ୍କ ର ଆଦରର ପାତ୍ର ହୋଇଛନ୍ତି। ସେ ବର୍ତମାନେ ଫିରିଙ୍ଗିଆ ମହାବିଦ୍ୟାଳୟରେରେ +୨ରେ ଅଧୟନରତ। ଏହି ସଫଳତା ତାହାର ଆତ୍ମବିଶ୍ୱାସକୁ ବହୁଗୁଣିତ କରିଛି। ପୁରସ୍କୃତ ଉବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସରୋଜବାଳା ଆଚାର୍ଯ୍ୟ ଓ ପ୍ରୋଗ୍ରାମ ଅଫିସର ଜିଲ୍ଲାରୁ ପ୍ରତିନିଧିତ୍ୱ କରିଥିଲେ । କନ୍ଧମାଳ, ଜିଲ୍ଲାପାଳଙ୍କ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମରେ ଶରତ ଭଳି କେତେ କିଶୋର ଓ କିଶୋରୀଙ୍କ ଜୀବନରେ ପରିବର୍ତନର ଧାରା ଆଣିଛି। ଶରତ ଏହି ସଫଳତା ପାଇଁ ଜିଲ୍ଲା ପ୍ରଶାସନ, ସ୍ୱାତୀର ଇଂ.ହରିଶଙ୍କର ରାଉତ, ଫିରିଙ୍ଗିଆ ସି.ଡି.ପି.ଓ ହରପ୍ରିଆ ମେହେର,ଆଇସିଏସର ଶ୍ରୀମତୀ କ୍ରିଷ୍ଣା ପଣ୍ଡା, ଆକ୍ସନଏଡ ର ସନ୍ଧ୍ୟାରାଣୀ ନାୟକ, ଜିଲ୍ଲା ଶିଶୁ ଅଧିକାରୀ ରଶ୍ମିତା କରଣ ଓ କ୍ରାଏ ଙ୍କୁ କୃତଜ୍ଞତା ଜଣାଇଛନ୍ତି। ସରତର ଏହି ସଫଳତା ଅନ୍ୟ କିଶୋର ଓ କିଶୋରୀ ଙ୍କ ପାଇଁ ଏକ ପ୍ରେରଣା ହେବ ବୋଲି ସ୍ୱାତୀ ର କର୍ମଚାରୀ ପ୍ରଦୀପ କୁମାର ସ୍ୱାଇଁ ମତବ୍ୟକ୍ତ କରିଥିଲେ।

# ଖଡ଼ିଆଳକୁ ମୁନସିପାଲଟି ଓ ସବଡିଭିଜନ ଦାବି ନେଇ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

ନୂଆପଡ଼ା, ୦୮/୩ (ନି.ପ୍ର): ଖଡ଼ିଆଳକୁ ମୁନସିପାଲଟି ଓ ସବଡ଼ିଭିଜନ ଦାବିରେ ଗୁରୁବାର ଖଡ଼ିଆଳ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ମା ଠାକୁରାଣୀ ମନ୍ଦିର ପ୍ରାଙ୍ଗଣରୁ ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘର ଆହ୍ୱାନ କ୍ରମେ ଶତାଧିକ ଆଦିବାସୀ ପାରମ୍ପରିକ ବେଶଭୂଷା, ବାଦ୍ୟ ଯନ୍ତ୍ର ହାତ ଓ ହତିଆର ସହିତ ନଗର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଆଦିବାସୀ କଲ୍ୟାଣ ସଂଘର ରାଜ୍ୟ ସଭାପତି ବାଳକୃଷ୍ଣ ଶବରଙ୍କ ଆହ୍ୱାନ କ୍ରମେ ଭାନୁ ପ୍ରତାପ ମାଝୀ ଜିଲ୍ଲା ସଭାପତି ଆଦିବାସୀ ସଂଘ, ବିକ୍ରମ ମାଝୀ ଅବସରପ୍ରାପ୍ତ ସିଏସଓ, ଜୟରାମ ଶବର ଅବସରପ୍ରାପ୍ତ ଏସିଏଫ, ଜଗତରାମ କଟପଲିଆ, ଜୟନନ୍ଦ ମାଝୀ ଅବସରପ୍ରାପ୍ତ ସିଏସଓ, ବିହାରୀଲାଲ ବିଶ୍ୱାଳ ଜିଲ୍ଲା ସଭାପତି ଶବର ସମାଜ, ଈଶ୍ୱର ଚନ୍ଦ୍ର ନାୟକ ଉପ ସଭାପତି ଜିଲ୍ଲା ସଂଘ, କମଲେସ ଠାକୁର, ଭକ୍ତବନ୍ଧୁ ଧରୁଆ ବ୍ଲକ ସଭାପତି ନୂଆପଡ଼ା, କାର୍ତିକ ମଲ୍ଲିକ ବ୍ଲକ ସଭାପତି ଖଡ଼ିଆଳ, ବିଦୁର ଶବର ଶବର ସମାଜ ଜିଲା ସମ୍ପାଦକ, ଶ୍ରୀକାନ୍ତ ମାଝୀ ପ୍ରମୁଖ ସାମିଲ ହୋଇଥିଲେ। ଖଡ଼ିଆଳ ସହରକୁ ସବ ଡିଭିଜନ ଓ ମୁନସିପାଲଟି ମାନ୍ୟତା ସହିତ ଆଠ ଦଫା ସମ୍ବଳିତ ଦାବିପତ୍ର ବିଡିଓ ବୀରସେନ ବେହେରାଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ଦାବୀ ମାନଙ୍କ ମଧ୍ୟରେ ଆଦିବାସୀ ସଂସ୍କୃତି ପ୍ରଥା ପରମ୍ପରାକୁ ବଂଚାଇ ରଖିଥିବା ଝାଙ୍କର ମାନଙ୍କୁ ମାସିକ ୫ ହଜାର ଟଙ୍କା ଭତା ପ୍ରଦାନ, ଓଡ଼ିଶାର ୩୦ ଗୋଟି ଜିଲ୍ଲା ମଧ୍ୟରୁ କେବଳ ନୂଆପଡ଼ାରେ ହିଁ ଥିବା ଗ୍ରାମ୍ୟ ଜଙ୍ଗଲ ଯୋଗ୍ୟ କିସମକୁ ଉଚ୍ଛେଦ କରାଯାଇ ଆଦିବସୀଙ୍କୁ ପଟ୍ଟା ପ୍ରଦାନରେ ଅହେତୁକ ବିଳମ୍ବକୁ ତୁରନ୍ତ ତ୍ୱରାନ୍ୱିତ କରାଯିବା, ଚାକିରୀ କ୍ଷେତ୍ରରେ ଷ୍ଟେଟ କେଡର ଚୟନ ପରିବର୍ତେ ଡିଷ୍ଟ୍ରିକ କେଡର ଚୟନ କରାଯିବା, ଷ୍ଟେଟ କେଡର ହେଲେ ଯୋଗ୍ୟତା ଭିତିରେ ଚୟନ କରାଯିବା, ଅହେତୁକ ବିଜୁଳୀ ବିଲ ଉପରେ ରୋକ୍ ଲଗାଯାଉ ତଥା ମିଟର ରେଡିଂକୁ ପୂର୍ବ ଅପେକ୍ଷା ବର୍ତମାନ ଅଧିକ ୟୁନିଟ ଆସୁଥିବା ମିଟର ଉପରେ ତଦାରଖ କରାଯିବା, ଖଡ଼ିଆଳ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଭୂ ଅର୍ଜନ ଅଧିକାରୀ କାଲୁ ଚରଣ ମାଝୀଙ୍କ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ପରିବାରଙ୍କ ପ୍ରତି ଦୁର୍ବ୍ୟବହାର, ନିଷ୍କ୍ରିୟତା ଓ ଦୁର୍ନୀତି ଲିପ୍ତ ହେତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ତିଖାଲି ଡ୍ୟାମର ଉଠା ଜଳସେଚନ ପ୍ରକଳ୍ପ ଦ୍ୱାରା ବାଦ ପଡ଼ିଥିବା ବୋଡ଼େନ ବ୍ଲକ ଓ ଖଡ଼ିଆଳ ବ୍ଲକର ଗ୍ରାମ ଗୁଡ଼ିକର ଚାଷୀ ମାନଙ୍କ ଜମିରେ ଜଳସେଚନ ବ୍ୟବସ୍ଥା କରାଯିବା, ଖଡ଼ିଆଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଆଦିବାସୀ ନେତା ସ୍ୱର୍ଗତ ଦୁର୍ଯ୍ୟୋଧନ ମାଝୀ ୫ ଥର ଓ ନୂଆପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ସ୍ୱର୍ଗତ ଘାସିରାମ ମାଝୀ ୭ ଥର ବିଜେଡି ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇ ଆଦିବାସୀ ମାନଙ୍କର ଏକତା ଅଖଣ୍ଡତାକୁ ବଜାଇ ରଖିଥିବାରୁ ଚଳିତ ସାଧାରଣ ନିର୍ବାଚନରେ ଜିଲାର ୨ ଗୋଟି ସିଟରେ ଆଦିବାସୀଙ୍କୁ ପ୍ରାର୍ଥୀ କରିବା ଭଳି ଦାବି କରାଯାଇଥିଲା । ଶେଷରେ ରାଜଧାନୀ ଭୁବନେଶ୍ୱର ଠାରେ ରାଜ୍ୟ ଆଦିବାସୀ ଭବନ ନିର୍ମାଣ ସକାଶେ ରାଜ୍ୟ ସରକାର ୧୦୦ କୋଟି ଟଙ୍କା ମଞ୍ଜୁର କରି ଭିତ୍ତପ୍ରସ୍ତର ସ୍ଥାପନ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଦିବାସୀ ସମାଜ ତରଫରୁ ଧନ୍ୟବାଦ୍ ଜଣାଇଥିଲେ।

ଆଜିର କାର୍ଯ୍ୟକ୍ରମରେ ସୁବୁଦ୍ଧି ଶବର, ସୋମନାଥ ଶବର, ଲିଙ୍ଗରାଜ ମାଝୀ, ବସନ୍ତ ମାଝୀ, ଲକ୍ଷ୍ମଣ ଦଳ, ଗୀତାଞ୍ଜଳି ଶବର, ବସନ୍ତ ଶବର, ଯଦୁମଣି ମାଝୀ, ଉଦେରାମ ମାଝୀ, ଉଜଲ୍ ମାଝୀ, କିରଣ ଭୋଇ, ଅନୁଗୋଳ ଶବର ପ୍ରମୁଖ ନେତୃତ୍ୱ ନେଇଥିଲେ।

# ଜୟପୁର ପଂଚାୟତ ସମିତି ବୈଠକ

ଜୟପୁର, ୦୮/୩ (ନି.ପ୍ର): ଜୟପୁର ବ୍ଲକ ସଭାଗୃହରେ ପଂଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି । ଗୋଷ୍ଠି ଉନ୍ନୟନ ଅଧିକାରୀ ଶକ୍ତି ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିଲେ । ଏହି ବୈଠକରେ ବ୍ଲକ ଆଧକ୍ଷା ତିଳତମା ମୁଦୁଲି, ଏବିଡିଓ ମନୋଜ ନାୟକ, ସହକାରି ନିର୍ବାହି ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିପିଓ ଶ୍ରୀନିବାସ ପଟ୍ଟନାୟକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରି କେ.ଏସ ନିଶା, ସହକାରୀ ଯନ୍ତ୍ରୀ ରଞ୍ଜିତା ରାଣି ପଣ୍ଡା, ଡିଡବ୍ଲୁଓ ଅଭା ପ୍ରଧାନ, ଯୋଗାଣ ନିରିକ୍ଷକ ହରିଶରଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ । ବ୍ଲକ ଅଧିନରେ ଥିବା ଲାଇନ ଡିପାଟମେଣ୍ଟରର ଅଧିକାରିଙ୍କ ସହ ବ୍ଲକ ଅଧିନରେ ସରପଂଚ, ସମିତି ସଭ୍ୟା , ଜିଲା ପରିଷଦ ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ଖରା ଦିନ ପାଇଁ ଜଳଛତ୍ର ଖୋଲିବା, ବ୍ଲକର ବିଭିନ୍ନ ପଂଚାୟତରେ ଖାଲି ପଡିଥିବା ଏଲଆଇ ପଦବି ପୁରଣ କରିବା, ବାଲ୍ୟ ବିବାହକୁ ରୋକିବା, ଶିଶୁ ଶ୍ରମିକ ପ୍ରଥା ଉଛେଦ କରିବାକୁ ଅଧିକାରି ମାନେ ସଚେତନ କରିଥିଲେ । ବିଭିନ୍ନ ବିଭାଗର ଅଧିକାରି ମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଯୋଜନା ଉପରେ ସଚେତନ କରିଥିଲେ ।

# ଦେଓଗାଁ ବ୍ଲକ ବିଆରସି ୫୦୦୦ ଟଙ୍କା ନେଲାବେଳେ ଧରାପଡି ଗିରଫ

ବଲାଙ୍ଗିର, ୦୮/୩ (ନି.ପ୍ର): ଦେଓଗାଁ ବ୍ଲକ ସଂସାଧନ ସଂଯୋଜକ (ବିଆରସି) ମଧୁସୂଦନ ପଟେଲ ୫୦୦୦ ଟଙ୍କା ଲାଂଚ ନେଇ ଗିରଫ ହୋଇଛନ୍ତି। ଗୋଟିଏ ସ୍ୱୟଂ ସହାୟକ ଗୋଷ୍ଠୀର କ୍ଷମତା ପ୍ରାପ୍ତ ବ୍ୟକ୍ତି ଶେଖ ମହମ୍ମଦ ଆସିମଙ୍କ ଠାରୁ ଗୋଷ୍ଠୀ ଦ୍ୱାରା ହୋଇଥିବା କାମର ବିଲ କରି ଦେବାକୁ ୫୦୦୦ ଟଙ୍କା ଦାବି କରିଥିବା ଓ ନେଉଥିବା ବେଳେ ଆଜି ଦୁର୍ନୀତି ନିବାରଣ ବିଭାଗର ହାତରେ ଧରାପଡିଛନ୍ତି। ଗୋଷ୍ଠୀର କରିଥିବା ବ୍ୟକ୍ତିଗତ ଘରୋଇ ପାଇଖାନା ଗୁଡିକର ବିଲ କରିବାକୁ ହଇରାଣ କରି ସେ ଟଙ୍କା ମାଗିଥିଲେ। ଆଜି ବ୍ଲକ ପରିସରରେ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ସମସ୍ତ ଟଙ୍କା ତାଙ୍କଠାରୁ ବିଭାଗ ନେଇ ଜବତ କରିଛି। ସେ ଧରାପଡିଲା ପରେ ତାଙ୍କର ଆଉ ଦୁଇଟି ଠିକଣାରେ ଦୁର୍ନୀତି ନିବାରଣ ବିଭାଗର ଚଢଉ ଜାରି ରହିଛି। ତାଂକୁ ଅଭିଯୋଗ ପାଇଲା ପରେ କେସ ନମ୍ବର ୬/୨୪ ତାରିଖ ୬ ମାର୍ଚ୍ଚ ୨୦୨୪ ରେ ୭ ପି ସି ଆଇନ ୧୯୮୮ ପରିବର୍ତିତ ୨୦୧୮ ରେ କେସ କରାଯାଇଛି ଓ ଗିରଫ କରି ତାଂକୁ କାର୍ଯ୍ୟାଳୟକୁ ଆଣିବା ପରେ ଅଧିକ ତଦନ୍ତ ଚାଲୁ ରହିଛି।

# ୧୨ ବର୍ଷ ହେଲା ସାମାଜିକ ବାସନ୍ଦ ହୋଇ ରହିଥିବା ପରିବାରର ଧାରଣା

କେନ୍ଦ୍ରାପଡ଼ା, ୦୮/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ଅନ୍ତର୍ଗତ ପାଳପୁର ଗ୍ରାମର ପାର୍ବତୀ ମାଝି ଜଣେ ଆଶାକର୍ମୀ ଭାବେ କାର୍ଯ୍ୟକରି ଆସୁଛନ୍ତି । ଦୁର୍ଭାଗ୍ୟ ପରିତାପ ର ବିଷୟ ଯେ, ଦୀର୍ଘ ୧୨ ବର୍ଷ ହେଲା ଏହି ଆଶାକର୍ମୀଙ୍କ ପରିବାରକୁ ଗ୍ରାମରେ ବାସନ୍ଦ କରାଯିବା ସହିତ ନାନା ପ୍ରକାର ହଇରାଣ ହରକତ କରୁଥିବା ନେଇ ପାର୍ବତୀ ସହ ପରିବାର ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ରେ ବସି ରହିଥିଲେ। ପାର୍ବତୀଙ୍କ ସ୍ୱାମୀ ୨୦୧୨ ମସିହା ଠାରୁ ସ୍କୁଲ ପରିଚାଳନା କମିଟିର ସଭାପତି ଭାବେ ମନୋନିତ ହୋଇ ବିଭିନ୍ନ ସମସ୍ୟା ବୁଝାସୁଝା କରି ଆସୁଥିଲେ । ଗ୍ରାମର କିଛି ଅସାମାଜିକ ବ୍ୟକ୍ତି ପ୍ରଧାନ ଶିକ୍ଷକଙ୍କୁ ହାତ କରି ସ୍କୁଲ ଭିତରେ ପୁରାଇ ତାଙ୍କୁ ମାଡମାରି ରକ୍ତାକ୍ତ କରିଥିବା ପାର୍ବତୀ ମାଝି ଅଭିଯୋଗ କରିଛନ୍ତି । ଏଥି ସହିତ ତାଙ୍କୁ ବିଭିନ୍ନ ମିଥ୍ୟା ମକଦ୍ଦମାରେ କେତେକ ଗ୍ରାମବାସୀ ଫସାଇ ଜେଲକୁ ପଠାଇଥିବା ଓ ଗ୍ରାମରେ ହେଉଥିବା ବିଭିନ୍ନ ଧାର୍ମିକ ସାଂସ୍କୃତିକ କାର୍ଯ୍ୟରେ ସାମିଲ ନକରିବହା, ଗ୍ରାମରେ ନିଆଁପାଣି ବାସନ୍ଦ କରିବା ସଙ୍ଗେ ସଙ୍ଗେ ଅଙ୍ଗନୱାଡି କେନ୍ଦ୍ରରେ ମୋ ପିଲାଙ୍କୁ ପାଠ ପଢିବାକୁ ଦେଉ ନଥିବା ଆଦି ଅଭିଯୋଗ କରିଛନ୍ତି ।

# ଭିନ୍ନକ୍ଷମଙ୍କ ପାଇଁ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଉଦ୍‌ଘାଟିତ

କେନ୍ଦ୍ରାପଡ଼ା, ୦୮/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଭିନ୍ନକ୍ଷମଙ୍କ ପାଇଁ ଜିଲ୍ଲା ଦିବ୍ୟାଙ୍ଗ ପୁନର୍ବାସ କେନ୍ଦ୍ର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ(ପୁରୁଣା) ପରିସରରେ ଉଦ୍‌ଘାଟିତ ହୋଇ ଯାଇଛି । କେନ୍ଦ୍ର ସରକାରଙ୍କ ଆର୍ଥିକ ଅନୁଦାନ ରେ ନିର୍ମିତ ଏହି କେନ୍ଦ୍ରକୁ କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗୀୟ ମନ୍ତ୍ରୀ ବୀରେନ୍ଦ୍ର କୁମାରଙ୍କ କରକମଳରେ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳୀ ସେଠୀ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଅତିରିକ୍ତ ଜିଲ୍ଲାପଳ ସାଧାରଣ ପିତାମ୍ବର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ, ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ନୃପେନ ଶତପଥୀ, ଫିଜିଓ ଓ ଅଡିଓ ଥେରାପିଷ୍ଟ ଡାକ୍ତର ଚନ୍ଦନ କୁମାର ବେହେରା, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ମମତା ଡିପିସି ମନୋରଂଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ୨ ଭିନ୍ନକ୍ଷମଙ୍କୁ ବ୍ୟାଟେରୀ ଚାଳିତ ଯାନ ପ୍ରଦାନ କରାଯାଇ ଥିଲା । ଏଥିରେ ନିଯୁକ୍ତି ପାଇଥିବା ବୈଷୟିକ ଅଧିକାରୀ ମାନେ କିଭଳି ଜିଲ୍ଲାରେ ଭିନ୍ନକ୍ଷମ ମାନେ ଏଠାରେ ସେମାନଙ୍କର ସହାୟକ ଉପକରଣ, କୃତିମ ଅଙ୍ଗ ପ୍ରତ୍ୟଙ୍ଗ, ଭୌତିକ ଓ ଶାରୀରିକ ଚିକିତ୍ସା ସହଜରେ ଓ ମାଗଣାରେ ପାଇ ପାରିବେ ସେ ସଂପର୍କରେ ଉପସ୍ଥିତ ଥିବା ସମସ୍ତ ଭିନ୍ନକ୍ଷମମାନଙ୍କୁ ବୁଝାଇ ଥିଲେ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୀତା ଦ୍ୱାରା ପରିଚାଳିତ ହେବାକୁ ଥିବା ଏହି ଅନୁଷ୍ଠାନ ରେ କର୍ମକର୍ତା, କର୍ମଚାରୀମାନେ ସର୍ବପରି ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗର ସମସ୍ତ କର୍ମଚାରୀ ମାନେ ସହଯୋଗ କରିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ଜିଲ୍ଲାର ଭିନ୍ନକ୍ଷମ ମାନେ ସହାୟତା ପାଇଁ ଆଉ ବାହାରକୁ ଯିବାକୁ ପଡିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରୂପାଲୀ ପ୍ରିୟଦର୍ଶନୀ ନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୀତାର ମୁଖ୍ୟ ପ୍ରଶାନ୍ତ କୁମାର ମିଶ୍ର ସହ ଯୋଗ କରିଥିଲେ ।

# ଲୋକଙ୍କ ପାଖକୁ ପହଂଚି ସମସ୍ୟା ଶୁଣିଲେ ନରସିଂହ: ସମରେନ୍ଦ୍ର

ବଲାଙ୍ଗୀର, ୦୮/୩ (ନି.ପ୍ର): ବଲାଙ୍ଗୀରବାସୀ ଜାଣିବା ଦରକାର ବଲାଙ୍ଗୀର ରେ ଦୀର୍ଘ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ ବିଜେଡି ଦଳର ନେତୃତ୍ୱ ରେ ପୌର ପରିଷଦ ଚାଲିଛି, କିନ୍ତୁ ପୌରାଂଚଳରେ ସମସ୍ୟାର ସମାଧାନ ପରିବର୍ତେ ଲୋକେ ଦିନକୁ ଦିନ ପୌରପାରିଷଦର ଦୁର୍ନୀତି ଯୋଗୁଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଏମାନଙ୍କ ନେତାମାନେ ସବୁ କ୍ଷମତାରେ ଥାଇ ମଧ ଅଧିକାଂଶ ସମୟ ନିର୍ବାଚନ ମଣ୍ଡଳୀରେ ଅନୁପସ୍ଥିତ ରହି ବଲାଙ୍ଗୀରର ବିକାଶ ପରିବର୍ତେ ବିନାଶ କରିଛନ୍ତି, ଏଣୁ ଏପରି ପର୍ଯ୍ୟଟକ ରାଜନେତାଙ୍କୁ ଆଗାମୀ ଦିନରେ ବଲାଙ୍ଗୀର ବାସୀ ଉଚିତ ଜବାବ ଦିଅନ୍ତୁ ବୋଲି ଆଜି ସହର ରେ ମାନ୍ୟବର ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଭିତିପ୍ରସ୍ତର ଓ ଲୋକଙ୍କ ସମସ୍ୟା ଶୁଣିବା ଅବସରରେ ଏ ଆଇସିସି ସଭ୍ୟ ସମରେନ୍ଦ୍ର ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି। ସମରେନ୍ଦ୍ର ଆହୁରି ମଧ କହିଛନ୍ତି ଯେ ସମାନ୍ତବାଦୀ ଶକ୍ତି ଯେତେ ଚେଷ୍ଟା କଲେ ବି ବଲାଙ୍ଗୀରର ବିକାଶ ପ୍ରକ୍ରିୟାକୁ ଅଟକେଇ ପାରିବେ ନାହିଁ।

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ଲୋକଙ୍କ ପ୍ରତ୍ୟେକ ସମସ୍ୟା କୁ ଉଚିତ ଢଙ୍ଗ ରେ ନିଶ୍ଚିତ ସମାଧାନ କରାଯିବ ବୋଲି କହିବା ସହ ଭିତିପ୍ରସ୍ତର ଦିଆ ଯାଇଥିବା ପ୍ରକଳ୍ପ ଗୁଡିକର ନିର୍ମାଣ ନିର୍ଧାରିତ ସମୟ ପୂର୍ବରୁ ସମ୍ପୂର୍ଣ୍ଣ କରିବା ପାଇଁ ଲୋକଙ୍କ ସହଯୋଗ କାମନା କରିଥିଲେ।

ଏଠାରେ ସୂଚନା ଯୋଗ୍ୟ ଯେ ଆଜି ପରାଂଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୮, ୧୯,୧୪ ରେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠି ଶହ ୱାର୍ଡ ନମ୍ବର ୧୬,୧୮ ରେ ବିଧାୟକ ପାଣ୍ଠି ରୁ ପ୍ରକଳ୍ପ ନିର୍ମାଣରେ ବ୍ୟବସ୍ଥା କରାହୋଇଛି। ଆଜିର କାର୍ଯ୍ୟକ୍ରମ ଗୁଡିକୁ ନଗର କଂଗ୍ରେସ ସଭାପତି ବୁଲୁଦାନୀ, ଜିଲ୍ଲା ଉପସଭାପତି ସଂତକ ବହିଦାର, ମାନସ ମହାନ୍ତି, ଆନ୍ତ ବେହେରା, ସୌମ୍ୟଦୀପ ସରାଫ, ପବିତ୍ର ବେହେରା ଅଜୟ ବାଲି, ଅଙ୍କିତ ସାହୁ, ନାସିର ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା।

# ରାସ୍ତା କଡ଼ରେ ଥିବା ଗଛରେ କାହିଁକି ଧଳା ରଙ୍ଗ ଦିଆଯାଏ ?

## ଜାଣନ୍ତୁ ଏନେଇ କ'ଣ ରହିଛି ବୈଜ୍ଞାନିକ କାରଣ



ଦୈନନ୍ଦିନ ଜୀବନରେ ଆମେ ଏପରି ଅନେକ ଦୃଶ୍ୟ ଦେଖିବାକୁ ପାଇଥାଉ, ଯାହା ପଛରେ ନିହାତି କିଛି କାରଣ ରହିଥାଏ । ଆମେମାନେ ଯାତାୟାତ କରୁଥିବା ସମୟରେ ରାସ୍ତାକଡ଼ରେ ଥିବା ଗଛମାନଙ୍କରେ ଧଳା ରଙ୍ଗ ମରାଯାଇଥିବା ଦେଖିବାକୁ ପାଇଥାଉ । ଏପରି କାହିଁକି କରାଯାଏ, ସେନେଇ କିଛି ପ୍ରଶ୍ନ ଆପଣଙ୍କ ମନରେ ଆସିବା ସ୍ୱାଭାବିକ । ଲାଲ, ସବୁଜ, ହଳଦିଆ ଏପରି ଅନେକ ପ୍ରକାରର ରଙ୍ଗ ଥିଲେ ମଧ୍ୟ ଧଳା ରଙ୍ଗକୁ ବାଛିବା ପଛର ରହସ୍ୟ କ'ଣ । ବାସ୍ତବରେ, ସଡ଼କପଥ ମାନଙ୍କରେ ଲାଗିଥିବା ବୃକ୍ଷମାନଙ୍କରେ ଧଳା ରଙ୍ଗ ମରାଯାଇଥିବାର ଆମେ ଦେଖିବାକୁ ପାଇଥାଏ । ଏହା ପଛରେ ଏକ ବିଶେଷ କାରଣ ରହିଛି। ମାତ୍ର ଏହା ସମସ୍ତଙ୍କୁ ଜଣା ନଥାଏ । ଅସଲ କଥା ହେଉଛି, ଧଳା ରଙ୍ଗ ବୋଳିଲେ ଗଛମାନଙ୍କର ଆୟୁଷ ବୃଦ୍ଧି ହୁଏ ବୋଲି କୁହାଯାଇଥାଏ । ସାମାନ୍ୟ ରଙ୍ଗ ଦ୍ୱାରା ଗଛର ଜୀବନ କାଳ କିପରି ବୃଦ୍ଧି ହେବ ତାହା ଅନେକଙ୍କୁ ଚିନ୍ତାରେ ପକାଇବା ସ୍ୱାଭାବିକ ।

ଗଛରେ ବୋଳାଯାଉଥିବା ଧଳା ରଙ୍ଗରେ ପାଣି ଓ ଚୂନକୁ ମିଶ୍ରଣ କରାଯାଇଥାଏ । ଏହି ମିଶ୍ରିତ ରଙ୍ଗକୁ ଗଛରେ ବୋଳିଲେ ସେଥିରେ ବିଭିନ୍ନ ପ୍ରକାରର କୀଟପତଙ୍ଗ ଲାଗନ୍ତି ନାହିଁ । ଫଳରେ ଗଛ ସର୍ବଦା ସୁସ୍ଥ ରୁହେ । ଅଧିକାଂଶ ସମୟରେ ଗଛରେ ବିଭିନ୍ନ ପ୍ରକାରର କୀଟ ଲାଗି ତା'ର ଛାଲି ଛାଡ଼ି ଯାଇଥାଏ । ଏପରିକି କିଛି ଗଛରେ ଉଇ ଭର୍ତ୍ତି ହୋଇଥିବାର ମଧ୍ୟ ଦେଖାଯାଇଥାଏ। ପରିଣାମସ୍ୱରୂପ ଅନେକ ଗଛ ଠିଆ ଠିଆ ଏକ ଶୁଖିଲା କାଠ ଗଣ୍ଡିରେ ପରିଣତ ହୋଇଯାଇଥାନ୍ତି। ଗଛରେ ଧଳା ରଙ୍ଗ ଥିଲେ ସୂର୍ଯ୍ୟ ରଶ୍ମୀ ସେଥିରେ ସିଧାସଳଖ ପଡ଼େ ନାହିଁ । ଫଳରେ ଗଛର ଛାଲି ଦୀର୍ଘଦିନ ଧରି ଠିକ୍ ଭାବେ ରହିଥାଏ । ସେହିପରି ଯଦି କୌଣସି ରାସ୍ତାରେ ଷ୍ଟ୍ରିଟ୍ ଲାଇଟ୍ ନଥାଏ, ତେବେ ଏପରି କ୍ଷେତ୍ରରେ ଗଛରେ ଲାଗିଥିବା ଧଳା ରଙ୍ଗ ପଥଯାତ୍ରୀଙ୍କୁ ରାସ୍ତା ବତାଇବାରେ ସହାୟକ ହୋଇଥାଏ । ଗଛରେ ଧଳା ରଙ୍ଗ ମରାଯାଇଥିଲେ ତାହା ବନ ବିଭାଗର ବୋଲି ଦର୍ଶାଇଥାଏ । ତେଣୁ ତାହାକୁ କେହି କାଟିବାକୁ ସାହସ କରନ୍ତି ନାହିଁ ।

# କେଉଁ ଦିଗରେ ହଳଦୀ ଗଛ ଲଗାଇଲେ ବଢ଼ିବ ଧନ ?



ଆପଣଙ୍କ ଘରର ରୋଷେଇ ଘରେ ହଳଦୀ ନିଶ୍ଚିତ ଭାବରେ ବ୍ୟବହୃତ ହେଉଥିବ । ହଳଦୀ କେବଳ ପନିପରିବାର ରଙ୍ଗ ବଦଳାଇ ନଥାଏ, ବରଂ ଏହାକୁ ଖାଇବା ଦ୍ୱାରା ଅନେକ ରୋଗରୁ ମଧ୍ୟ ରକ୍ଷା ମିଳିଥାଏ । କିନ୍ତୁ ଆପଣ ଜାଣନ୍ତି କି ଘରେ ହଳଦୀ ଗଛ ଲଗାଇବା ଶୁଭ ଅତ୍ୟନ୍ତ ଶୁଭ ହୋଇଥାଏ । ହଳଦୀ ପୂଜା ସାମଗ୍ରୀର ଏକ ଜରୁରୀ ଜିନିଷ । କୌଣସି କାମ ଆରମ୍ଭ କରିବା ପୂର୍ବରୁ ହଳଦୀ ବ୍ୟବହାର କରାଯାଏ । ତେବେ ଚାଲନ୍ତୁ ଜାଣିବା ହଳଦୀ ଗଛ ଲଗାଇବାର ସଠିକ୍ ଦିଗ ଏବଂ ଉପାୟ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଘରେ ହଳଦୀ ଗଛ ଲଗାଇବା ବହୁତ ଶୁଭ ବୋଲି ବିବେଚନା କରାଯାଏ । ଏହାକୁ ଘରେ ଲଗାଇବା ଦ୍ୱାରା ସମୃଦ୍ଧି ବଢାଇଥାଏ ଏବଂ ଆର୍ଥିକ ସଙ୍କଟ ଦୂର ହୋଇଥାଏ । ଏଥି ସହିତ ଏହି ଉଦ୍ଭିଦକୁ ଘରେ ଲଗାଇବା ଦ୍ୱାରା ପରିବାର ସଦସ୍ୟଙ୍କ ସମ୍ପର୍କ ମଧ୍ୟ ମଜବୁତ ହୋଇଥାଏ । କିନ୍ତୁ ହଳଦୀ ଉଦ୍ଭିଦରୁ ଲାଭ ପାଇବାକୁ ହେଲେ ଏହାକୁ ସଠିକ୍ ଦିଗରେ ଲଗାଇବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ବାସ୍ତୁ ଶାସ୍ତ୍ର ଅନୁଯାୟୀ, ହଳଦୀ ଗଛକୁ ସର୍ବଦା ଆଗ୍ନେୟ କୋଣରେ ଲଗାଯିବା ଉଚିତ୍ । ଯଦି ଏହି ଦିଗରେ ହଳଦୀ ଗଛ ଲଗାଯାଏ, ସେଥିରୁ ସକରାତ୍ମକ ଶକ୍ତି ପ୍ରବାହିତ ହୁଏ । ଏହା ସହିତ, ସମସ୍ତ ବାସ୍ତୁ ତ୍ରୁଟି ମଧ୍ୟ ଏଥିରୁ ଦୂର ହୋଇଥାଏ । ଯଦି ଆପଣ ଚାହାଁନ୍ତି ଘରେ ସୁଖ-ଶାନ୍ତି ରହିବା ଉଚିତ୍, ତେବେ ପଶ୍ଚିମ-ଉତ୍ତର ଦିଗରେ ହଳଦୀ ଗଛ ଲଗାନ୍ତୁ।

# ସୌନ୍ଦର୍ଯ୍ୟ ଉପଚାରରେ କଖାରୁ ରସ

■ ଦୁଇ ଚାମଚ ନଡ଼ିଆ ତେଲରେ ଏକ ଚାମଚ ଲେଖାଏଁ କଖାରୁ ରସ, ମହୁ ଓ ଗୁଡ଼ ଫେଣ୍ଟି, ରାତିରେ ଶୋଇବା ପୂର୍ବରୁ ମୁହଁ, ଓଠ, ବେକ ହାତରେ ଲଗାଇ ଦଶ ମିନିଟ ପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ। ଏହା ଦ୍ୱାରା ତ୍ୱଚା ନରମ ରହେ। କଳା ଓଠ ସଫା ପଡ଼େ। ଶୁଷ୍କ ତ୍ୱଚା ପାଇଁ ଏହା



ଅଧିକ ଭଲ।

■ ସମାନ ପରିମାଣରେ କଖାରୁ ରସ, ଡାଲଚିନି ଗୁଣ୍ଡ ଓ ନଡ଼ିଆ ତେଲ ମିଶାଇ, ପ୍ରତିଦିନ ଗାଧୋଇବା ପୂର୍ବରୁ ଦେହରେ ମାଲିସ କରନ୍ତୁ। ଏହାଦ୍ୱାରା ଶରୀର ଆର୍ଦ୍ର ରହେ କିନ୍ତୁ ସମସ୍ୟାଦୂର ହୁଏ। ନିୟମିତ ଲଗାଇଲେ, ତ୍ୱଚା ସଫା ପଡ଼େ। ଫ୍ରିଜରେ ରଖି ବ୍ୟବହାର କରିପାରିବେ।



# ବଢୁଛି କି ଭୁଲାପଣ ? ସ୍ମରଣଶକ୍ତି ବୃଦ୍ଧି କରିବା ପାଇଁ ଆପଣାନ୍ତୁ ଏହି ଉପାୟ

ବୟସ ବଢିବା ସହିତ ସ୍ମରଣଶକ୍ତି ମଧ୍ୟ ଦୁର୍ବଳ ହୋଇଯାଏ। ବିଶେଷ କରି ବୟସ୍କମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖଥାଏ। ବୟସ ବଢିବା ସହିତ ସ୍ମରଣଶକ୍ତି ଦୁର୍ବଳ ହୋଇଯିବା ଏକ ସ୍ୱାଭାବିକ କଥା । ମଣିଷର ବୟସ ଯେତେ ବଢିଥାଏ ତାର ମନେଖିବା ଶକ୍ତି ସେତେ କମିଯାଏ। କେତକ ସ୍ଥାନରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଏହି ଅସୁବିଧା ଦେଖାଦେଇଥାଏ । ତେବେ ଏଭଳି ସମସ୍ୟାର ସମାଧାନ ବିନା ଔଷଧରେ ଅଥବା ପ୍ରାକୃତିକ ଉପାୟରେ ମଧ୍ୟ କରାଯାଇପାରେ ।

ଆୟୁର୍ବେଦ ବିଶେଷଜ୍ଞ ଡାକ୍ତର ଡିମ୍ପଲ୍ ଜାଙ୍ଗଡାଙ୍କ କହିବା ଅନୁଯାୟୀ କିଛି ପ୍ରାକୃତିକ ଉପଚାର ଦ୍ୱାରା ଏହାର ପ୍ରଭାବକୁ କମ୍ କରାଯାଇପାରେ। ଆୟୁର୍ବେଦ ଚିକିତ୍ସା ଦ୍ୱାରା ପ୍ରାକୃତିକ ଉପାୟରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ସେ ଇନଷ୍ଟାଗ୍ରାମରେ ଉଲ୍ଲେଖ କରିଛନ୍ତି। ତେବେ ଆସନ୍ତୁ ଜାଣିବା କେଉଁ ଉପାୟ ଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ସହ ଚିନ୍ତା କରିବାର କ୍ଷମତାକୁ ମଧ୍ୟ ବଢାଇପାରିବେ ।

ଡାର୍କ ଚକୋଲେଟ୍: ଏହି ଚକୋଲେଟରେ କୋକୋର ମାତ୍ରା ୭୦ ପ୍ରତିଶତ ରହିଥାଏ। ଏଥିରେ ଚିନିର ମାତ୍ରା କମ୍ ରହିଥାଏ। ଡକ୍ଟର ଡିମ୍ପଲ କହିଛନ୍ତି ଯେ, କୋକୋ ଫ୍ଲାଭୋନୋଏଡର ଏକ ମୁଖ୍ୟ ଉତ୍ସ। ଏଥିରେ ଥିବା ଆଣ୍ଟିଅକ୍ସିଡାଣ୍ଟ ସ୍ମରଣଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।

ସିଡ୍ସ ଏବଂ ନଟ୍ସ: ସିଡ୍ସ ଏବଂ ନଟ୍ସ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏହା ଆମ ମନକୁ ଦୃଢ ରଖିବାରେ ସାହାଯ୍ୟ କରେ। ବିଶେଷ କରି "ସନ୍ ?ଫ୍ଲାୱାର ସିଡ୍ସ, ନଟ୍ସ, କାଜୁ, ଏବଂ ହାଜେଲନଟ୍ ଭଳି ମଞ୍ଜି ଜାତୀୟ ଖାଦ୍ୟ ଆମ ମନକୁ ଅଧିକ ସକ୍ରିୟ କରିଥାଏ। ଏହି ଖାଦ୍ୟଗୁଡ଼ିକରେ ଓମେଗା-୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ରହିଥାଏ।

ଖାଦ୍ୟରେ ଚିନିର ମାତ୍ରା କମ୍ କରିବା: ଖାଦ୍ୟରେ ଚିନିର ମାତ୍ରା କମ୍ କରିବା ନିହାତି ଜରୁରୀ। ଜାଣିଶୁଣି ହେଉ କିମ୍ବା ଅଜାଣତରେ, ଆମେ ଆବଶ୍ୟକତାଠାରୁ ଅଧିକ ଚିନି ଖାଇଥାଉ ଯାହା ଆମ ଶରୀର ପାଇଁ କ୍ଷତିକାରକ। ଚିନି ମିଶିଥିବା ଖାଦ୍ୟଠାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ଫଳପ୍ରଦ ହୋଇଥାଏ। ଏହା ସ୍ମୃତିଶକ୍ତିକୁ କମ୍ କରିପାରେ। ଚିନି ପରିବର୍ତ୍ତେ ଖାଦ୍ୟରେ ଗୁଡ, ଖଜୁରୀ,



ଏବଂ ମହୁକୁ ବ୍ୟବହାର କରିପାରିବା ବୋଲି ସେ କହିଛନ୍ତି।

ବ୍ରେନ୍ ଗେମ୍ସ: ବିଶେଷଜ୍ଞଙ୍କ ମତନୁଯାୟୀ ଆମ ମସ୍ତିଷ୍କକୁ ବିଭିନ୍ନ ଧରଣର ଖେଳରେ ଜଡିତ ରଖିବା ଉଚିତ। ଯେମିତିକି ସୁଡୋକୁ, ଚେସ, କ୍ରସ୍ ୱାର୍ଡ, ପଜଲ୍ ଏବଂ ସ୍କ୍ରାମବଲ୍ ପରି ବ୍ରେନ୍ ଗେମ୍ । କାରଣ ଏହି ଖେଳଗୁଡିକ ମନକୁ ସକ୍ରିୟ ରଖିବାରେ ଏବଂ ସ୍ମରଣ ଶକ୍ତିର ଦକ୍ଷତା ବୃଦ୍ଧି କରିବାରେ ସାହାଯ୍ୟ କରେ।

# ଅଳ୍ପ ସାମଗ୍ରୀରେ ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ମିଠା

ଘରେ ଥିବା ଅଳ୍ପ ସାମଗ୍ରୀରେ ଖୁବ୍ କମ୍ ସମୟରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ମିଠା। ଏହା ଖାଇବାକୁ ଯେତେ ସ୍ୱାଦିଷ୍ଟ ପ୍ରସ୍ତୁତ କରିବା ସେତେ ସହଜ। ଆସନ୍ତୁ ଜାଣି ରଖିବା ଏହାର ପ୍ରସ୍ତୁତି ପ୍ରଣାଳୀ ।

ଆବଶ୍ୟକ ସାମଗ୍ରୀ: କ୍ଷୀର, ଚିନି, ମିଲ୍କ ପାଉଡର, ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପ୍ୟାନ୍‌ରେ ଏକ କପ୍ କ୍ଷୀର ଗରମ କରନ୍ତୁ। କ୍ଷୀର ଫୁଟି ଆସିଲେ ସେଥିରେ କ୍ଷୀରର ଅଧା ପରିମାଣର ଚିନି ପକାନ୍ତୁ। ଏହାକୁ ଭଲ ଭାବେ ଗୋଳାନ୍ତୁ । ଏହାପରେ ସେଥିରେ ଏକ କପ୍ ମିଲ୍କ ପାଉଡର ପକାଇ ଭଲ ଭାବ ଗୋଳାନ୍ତୁ। ଏହା ଗାଢ଼ ହୋଇ ଆସିଲେ ସେଥିରେ କିଛି ଗୁଆ ଘିଅ ପକାଇ ଦିଅନ୍ତୁ। ପରେ ଏହାକୁ ଏକ ପାତ୍ରକୁ ବାହାର କରି ଥଣ୍ଡା କରନ୍ତୁ। ଏହାପରେ ହାତରେ ଭଲ ଭାବେ ଚକଟି ଛୋଟ ଛୋଟ ଗୋଲ ସାଇଜର ମିଠା ଆକୃତିର କରି ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଘର ତିଆରି ମିଠା।



# ମଇଳା ପାଣିରେ ବଢ଼ିଥିବା ମାଛକୁ ଖାଇଲେ କ୍ୟାନ୍ସର ଓ ବ୍ରେନ୍ ଷ୍ଟ୍ରୋକ୍ ହେବାର ସମ୍ଭାବନା: ରିସର୍ଚ୍ଚ

ଖାସକରି ମାଛ ଖାଇବାକୁ ପସନ୍ଦ କରୁଥିବା ଶାକାହାରୀ ଲୋକଙ୍କ ପାଇଁ ଆସିଛି ଏକ ବଡ଼ ଖବର, ଯାହା ଆପଣଙ୍କୁ ବିଚଳିତ କରିପାରେ । ତେବେ **Environmental Working Group**ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ମଧୁର ଜଳରେ ଧରାଯାଉଥିବା ମାଛ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ପ୍ରମାଣିତ ହୋଇପାରେ । ଏହି ରିପୋର୍ଟରେ ପ୍ରକାଶ ପାଇଛି ଯେ, ମଧୁର ଜଳ ମାଛ ଖାସକରି ଲାର୍ଗେମାଉଥ୍ ବ୍ୟାସ୍, ଲେକ୍ ଟ୍ରାଉଟ୍ କିମ୍ବା କ୍ୟାଟଫିସରେ ଏକ ବିଶେଷ ପ୍ରକାରର ରାସାୟନିକ ପଦାର୍ଥ ମିଳୁଛି । ଯାହାକୁ **perfluorooctane sulfonic acid (PFOS)** କୁହାଯାଏ । ଏହି ରାସାୟନିକ ପଦାର୍ଥ ମଧୁର ଜଳ ମାଛରେ ୨୭୮ ଗୁଣ ମିଳୁଛି । ଏହି ରାସାୟନିକ ଏତେ ବିପଜ୍ଜନକ ଯେ, ଏହା କ୍ୟାନ୍ସର ଏବଂ ଅନ୍ୟାନ୍ୟ ଗୁରୁତର ରୋଗ ମଧ୍ୟ ସୃଷ୍ଟି କରିପାରେ । ଇଡବ୍ଲୁଜିର ରିପୋର୍ଟ ଅନୁଯାୟୀ, ଯଦି ଆମେରିକାର ମିଠା ନଦୀ ଏବଂ ପୋଖରୀରେ ମିଳୁଥିବା ମାଛ ଖିଆଯାଏ, ତେବେ ଗୋଟିଏ ମାଛ ଏକ ମାସର



ମଇଳା ପାଣି ସହିତ ସମାନ ହୋଇପାରେ। ଏହି ଅପରିଷ୍କାର ଜଳ ପିଏଫଓଏସ ସହିତ ଦୂଷିତ ଜଳ ସହିତ ସମାନ ହୋଇପାରେ । ଏହା ଏକ ଟ୍ରିଲିୟନରେ ହାରାହାରି ୪୮ ଗୁଣ ସହିତ ସମାନ । ଆମେରିକାର ପରିବେଶ ସୁରକ୍ଷା ଏଜେନ୍ସି (ଇପିଏ) ଦ୍ୱାରା ସଂଗୃହିତ ତଥ୍ୟରୁ ଜଣାପଡିଛି ଯେ, ପିଏଫଓଏସ ଏବଂ ଅନ୍ୟାନ୍ୟ ରାସାୟନିକ ପଦାର୍ଥର ହାରାହାରି ପରିମାଣ ପିଏଫଏଏସ ରୂପରେ ରହିଛି। ବ୍ୟବସାୟିକ ଆଧାରରେ ଧରାଯାଇଥିବା ମାଛ ଅପେକ୍ଷା ମଧୁର ଜଳ ମାଛରେ ଚରକ୍ବଲକ୍ଷଙ୍କକ୍ଟକ୍ବସଭବସ୍ବରୟ ବକ୍ଷଳଚ୍ଛକ୍ଷବସ୍ବରୟ ପଦାର୍ଥ ୨୮୦ ଗୁଣ ଅଧିକ ରାସାୟନିକ ଥିଲା । ନ୍ୟୁୟର୍କର ରେନ୍ସଲର ପଲିଟେକ୍ନିକ୍ ଇନଷ୍ଟିଚ୍ୟୁଟର ଜୈବ ବିଜ୍ଞାନର ସହଯୋଗୀ ପ୍ରଫେସର ଡକ୍ଟର କେଭିନ୍ ସି ରୋଜ ହେଲ୍ଥଲାଇନକୁ କହିଛନ୍ତି ଯେ ପାଇକ, ଟ୍ରାଉଟ୍ ଏବଂ ବାସ୍ ପରି ମଧୁର ଜଳ ମାଛରେ ଉଚ୍ଚ ଲୁଣିଆ ମାଛରେ ରାସାୟନିକ ପଦାର୍ଥ ଅଧିକ ରହିଛି ।ଲୁଣିଆ ମାଛରେ ବିଶେଷତଃ ଚୁନା ମାଛରେ ମଧ୍ୟ ଉଚ୍ଚ ସ୍ତରର ମର୍କରୀ ମିଳିଥାଏ ।

# ଗାଢ଼ ରଙ୍ଗର ତ୍ୱଚା ପାଇଁ ସନସ୍କ୍ରିନ୍

ଖରାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ତ୍ୱଚାର ସୁରକ୍ଷା ପାଇଁ ସନସ୍କ୍ରିନ୍ ଆବାୟକ କରିଥାନ୍ତି । ପ୍ରାୟ ସମୟରେ ଦେଖାଯାଏ ଗାଢ଼ ରଙ୍ଗର ତ୍ୱଚାରେ ସନସ୍କ୍ରିନ୍ ବ୍ୟବହାର ଦ୍ୱାରା ଏକପ୍ରକାର ଧଳା ଦାଗ ହୋଇଯାଉଛି ଯାହା ସାବୁନରେ ଧୋଇବା ପରେ ହିଁ ଛାଡ଼ିଥାଏ । ଏବେ ବିଶେଷକରି ଏହି ରଙ୍ଗର ତ୍ୱଚା ପାଇଁ ୟୁଭିଏ ଏବଂ ୟୁଭିବି ପ୍ରତିରୋଧକ ସାମଗ୍ରୀରେ 'ବ୍ଲାକ ଗାର୍ଲ ସନସ୍କିନ୍' ପ୍ରସ୍ତୁତ କରାଯାଇଛି ଯାହାକୁ ଆମେରିକାର ଫୁଡ୍ ଆଣ୍ଡ ଡ୍ରଗ୍ସ ଆଡମିନିଷ୍ଟ୍ରେସନ ଅନୁମୋଦନ ପ୍ରଦାନ କରିଛି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କାଶ୍ମୀର– ଭାରତର ପରିବାର...

ଅନେକ କିଛି ନୂଆ ହୋଇଛି ଦେଶରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଶାସନ କାଳରେ, ଯାହାକୁ ଯେ କୌଣସି ଭାରତୀୟ, ଯିଏ ନିରପେକ୍ଷ ଭାବରେ ଏବଂ ସଙ୍କୋଚତାର ସହିତ ଯଦି ପ୍ରକାଶ କରନ୍ତି, ତା'ହେଲେ କହିବାରେ କୁଣ୍ଠିତ ହେବେନାହିଁ ଯେ ଆତଙ୍କବାଦର ବିଲୋପ ହେଉ ବା ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ, ତିନି ତଲାକ୍ ପ୍ରଥାର ଉଚ୍ଛେଦ ହେଉ ବା ସମାଜର ସବୁଠୁ ଗରିବ ଲୋକଟିଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା, ଅଥବା ଡିଜିଟାଲ ଅର୍ଥନୀତି ଓ ବ୍ୟାଙ୍କିଙ୍ଗ୍ ଦିଗରେ ଆଗେଇବା- ଏ ସବୁ ଅପେକ୍ଷା ସମ୍ଭବତଃ ତାଙ୍କର ବଡ଼ କାମ ହେଉଛି ଭାରତ, ଯାହା ବିଦେଶରେ ଇଣ୍ଡିଆ ନାମରେ ପରିଚିତ, ତା' ପାଇଁ କାଶ୍ମୀରକୁ ଜୟଲାଭ କରିବା । ଆଉ ଜଣେ ଜୋର୍ ଦେଇ କହି ପାରନ୍ତି ଯେ ଏଇ ଜୟଲାଭ କରି ଶ୍ରୀଯୁକ୍ତ ମୋଦୀ କାଶ୍ମୀରୀ ଲୋକମାନଙ୍କ ହୃଦୟ ଓ ମନକୁ ଜିତି ପାରିଛନ୍ତି ସେହି ଅସାଧାରଣ କାମ କରିବା ଦ୍ୱାରା, ଯାହା ହେଉଛି, ସମସ୍ତ ଆଇନଗତ ଓ ରାଜନୀତିକ ଆହ୍ୱାନଗୁଡ଼ିକୁ ଅତିକ୍ରମ କରି ଧାରା ୩୭୦ ଏବଂ ୩୫(କ)ର ସାମୟିକ ବ୍ୟବସ୍ଥାଗୁଡ଼ିକୁ ପ୍ରତ୍ୟାହାର କରିନେବା । ପରିଣତିରେ, ଆଜି କାଶ୍ମୀରରେ ତୃଣମୂଳ ସ୍ତରରେ ଲୋକମାନଙ୍କ ଅବସ୍ଥାରେ ସାମାଜିକ ଏବଂ ଅର୍ଥନୀତିକ ରୂପାନ୍ତରଣ ଯୋଗୁଁ ଦେଖା ଦେଇଛି ଅଭୂତପୂର୍ବ ପରିବର୍ତ୍ତନ। ପୁନଶ୍ଚ, ଏହା ପରେ କାଶ୍ମୀରରେ ଜି-୨୦ କାର୍ଯ୍ୟକ୍ରମର ସଫଳତାପୂର୍ବକ ସମ୍ପାଦନ ସମଗ୍ର ବିଶ୍ୱକୁ ଦେଖାଇ ଦେଇଛି ଯେ ସବୁ ସନ୍ଦେହର ଉର୍ଦ୍ଧ୍ୱରେ କାଶ୍ମୀର, ଯାହାକୁ ଭାରତର ଅବଶିଷ୍ଟ ଅଞ୍ଚଳଗୁଡ଼ିକ ଭଳି ଗୋଟିଏ ଅଞ୍ଚଳ ଭାବରେ ବିବେଚନା କରାଯାଇ ଆସୁଥିଲା, ତାହା ବାସ୍ତବରେ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ।

ତେବେ ଏଇ ମିଶନ୍ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇନାହିଁ, ଯାହା ପ୍ରଧାନମନ୍ତ୍ରୀ ମୋଦୀ ଗତ ଗୁରୁବାର ଦିନ ସ୍ୱମୁଖରେ ସ୍ୱୀକାର କରିଛନ୍ତି, ଯେତେବେଳେ ସେ ମୁକ୍ତ କଣ୍ଠରେ ଶ୍ରୀନଗରର ବକ୍ସି ଷ୍ଟାଡିୟମ୍ ?ଠାରେ ସମସ୍ତ ଆଶା ଆଶଙ୍କାକୁ ଭୁଲ୍ ପ୍ରମାଣିତ କରି ସମବେତ ହୋଇଥିବା ବିପୁଳ ସଂଖ୍ୟକ କାଶ୍ମୀରବାସୀଙ୍କୁ ସମ୍ବୋଧିତ କରୁଥିଲେ । ତାଙ୍କର ଏହି ଉଦ୍ ?ବୋଧନରେ ସେ କହିଥିଲେ, 'କାଶ୍ମୀରବାସୀଙ୍କ ହୃଦୟକୁ ଜୟ କରିବାର କାର୍ଯ୍ୟକୁ ସେ ବଜାୟ ରଖିବେ।' ଦଶନ୍ଧି ଦଶନ୍ଧି ଭିତରେ ପ୍ରଥମ ଥର ପାଇଁ ସ୍ଥାନୀୟ ଲୋକମାନେ 'ଏକ ନୂଆ କାଶ୍ମୀର, ଏକ ବିକଶିତ କାଶ୍ମୀରରେ ମୁକ୍ତ ଭାବରେ ନିଃଶ୍ୱାସ ମାରୁଛନ୍ତି', ଯାହା ଆତଙ୍କବାଦ ବା ଯୁଦ୍ଧର ଆଶଙ୍କା ବିନା ଏକ ବିଶାଳ ବିକଶିତ ଭାରତର ଅଂଶ ଭାବରେ ପରିଗଣିତ ହେଉଛି। ଉଲ୍ଲେଖ କରାଯାଇପାରେ ଯେ ମାତ୍ର ଚାରି ବର୍ଷ ପୂର୍ବେ ଯାହା କେବେ ସମ୍ଭବ ହୋଇ ପାରିବ ବୋଲି ଲୋକମାନେ ଭାବୁ ନଥିଲେ, ସେଠାରେ ସ୍ୱାଭାବିକତା ଫେରାଇ ଆଣି ଶ୍ରୀଯୁକ୍ତ ମୋଦୀ ଏଭଳି ଏକ ଭାଷଣ ଦେଇଥିଲେ, ଯାହା ଥିଲା ତାଙ୍କର ଭାରତର ଅନ୍ୟ ଯେ କୌଣସି ଭାଗରେ ଭାଷଣ ଦେବା ଭଳି ସ୍ୱାଭାବିକ, ଯେଉଁଥିରେ ସେ କୌଣସି ରାଜନୀତିକ ଦଳର ନାମ ନନେଇ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏବଂ ଏହାର ମିତ୍ର ଦଳମାନଙ୍କୁ ଲକ୍ଷ୍ୟଭୁକ୍ତ କରିଥାନ୍ତି ଏସବୁ ବର୍ଷଗୁଡ଼ିକରେ ଧାରା ୩୭୦କୁ ନେଇ ରାଜନୀତି କରୁଥିବାରୁ । ଅଗଷ୍ଟ ୫,୨୦୧୯ରେ ଉପରୋକ୍ତ ଧାରାକୁ ତାଙ୍କ ସରକାର ପ୍ରତ୍ୟାହାର କରିନେବା ପରେ ନିଜର ପ୍ରଥମ କାଶ୍ମୀର ଗସ୍ତରେ ଶ୍ରୀଯୁକ୍ତ ମୋଦୀ ନିଜର ବକ୍ତବ୍ୟକୁ ସମ୍ପ୍ରସାରିତ କରିବାକୁ ଯାଇ ଆଉ କିଛି ଦିନ ପରେ ଆସିବାକୁ ଯାଉଥିବା ରମ୍ ?ଜାନ୍ ମାସ ଏବଂ ଶିବରାତ୍ରି ପର୍ବର ଅଗ୍ରୀମ ଶୁଭେଚ୍ଛା ଜଣାଇ ଥିଲେ କାଶ୍ମୀରବାସୀଙ୍କୁ ଏବଂ ଉଲ୍ଲେଖ କରିଥିଲେ କେମିତି ଏହି ସଦା ବିଶୃଙ୍ଖଳିତ ରହୁଥ ?ିବା ଉପତ୍ୟକା ପ୍ରକୃତ ଧର୍ମନିରପେକ୍ଷତାକୁ ଧୀରେ ଧୀରେ ଆପଣାଉଛି, ଯେଉଁଠି ଉଭୟ ହିନ୍ଦୁ ଓ ମୁସଲମାନମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାବରେ ବାସ କରି ପାରିବେ। ଶ୍ରୀଯୁକ୍ତ ମୋଦୀ ବିଜୟୋଲ୍ଲାସର ସହିତ କହିଥିଲେ, 'ଧାରା ୩୭୦ ପ୍ରତ୍ୟାହାର କରି ନିଆଯିବା ପରେ କାଶ୍ମୀର ପ୍ରଗତି ଏବଂ ସମୃଦ୍ଧିର ନୂତନ ଶିଖର ସ୍ପର୍ଶ କରୁଛି ; ସ୍ଥାନୀୟ ବାସିନ୍ଦାମାନେ ଶାନ୍ତିରେ ନିଃଶ୍ୱାସ ମାରୁଛନ୍ତି। ଏହା ଏକ ବିରାଟ ବିଜୟ, ଅନ୍ତତଃପକ୍ଷେ ଇତିହାସର ଏବଂ ଭୂ-ରାଜନୀତିର ଗମ୍ଭୀର କଠିନତା ବିରୁଦ୍ଧରେ ତଥା ଦେଶ ଭିତରେ ଏବଂ ଦେଶ ବାହାରର ଶାନ୍ତର, 'ଆଜାଦୀ'ର ଶତ୍ରୁମାନଙ୍କ ବିରୁଦ୍ଧରେ ବିଜୟର ପର୍ଯ୍ୟାୟଗୁଡ଼ିକର ଏକ ଆରମ୍ଭ ବୋଲି ସେ କହିଥିଲେ, ଯାହାକୁ ସେ ଉଦ୍ଦେଶ୍ୟମୂଳକ ଭାବରେ ବର୍ତ୍ତମାନ ସୁଦ୍ଧା ସମ୍ପୃକ୍ତ ହୋଇ ଆସିଥିବା କାର୍ଯ୍ୟଗୁଡ଼ିକର ବିପରୀତ ବୋଲି ଦର୍ଶାଇ ଥିଲେ। କହିବା ବାହୁଲ୍ୟ, ସେ ଉଦ୍ ?ବୋଧନ ଦେଇଥିବା ଏହି ସଭାରେ ବିପୁଳ ସଂଖ୍ୟକ କାଶ୍ମୀର ବାସିନ୍ଦା ଯୋଗ ଦେଇଥିଲେ ଯେଉଁମାନଙ୍କ ସଂଖ୍ୟା ଏକ ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି । ତେଣୁ ପ୍ରଧାନମନ୍ତ୍ରୀଙ୍କର ଏହି ଭାଷଣ ଯେ ଅବଶ୍ୟ ଏକ ନୂତନ କାଶ୍ମୀରର ଜନତାଙ୍କୁ ତାଙ୍କ ଆଡ଼କୁ ଆକୃଷ୍ଟ କରିଛି, ତାହା ନିଃସନ୍ଦେହରେ କୁହାଯାଇପାରେ। ସେ ଆହୁରି ମଧ୍ୟ କହିଥିଲେ, 'ଏହା ହେଉଛି ସେଇ ନୂଆ କାଶ୍ମୀର, ଯାହାକୁ ଆମେ ଦଶନ୍ଧି ଦଶନ୍ଧି ଧରି ଅପେକ୍ଷା କରି ଆସୁଥିଲେ, ସେଇ ନୂଆ କାଶ୍ମୀର ଯାହା ପାଇଁ ଶ୍ୟାମା ପ୍ରସାଦ ମୁଖାର୍ଜୀ ନିଜର ଜୀବନକୁ ଉତ୍ସର୍ଗ କରିଥିଲେ । ବର୍ତ୍ତମାନ ଆପଣମାନଙ୍କ ସହାସ୍ୟ ମୁଖମଣ୍ଡଳ ସାରା ଦେଶବାସୀ ଦେଖୁଛନ୍ତି, ତାହା ଆମ ଦେଶବାସୀଙ୍କ ମନକୁ ଅବଶ୍ୟ ଆନନ୍ଦରେ ଭରି ଦେବ । ଶେଷରେ, ସେ ସାଙ୍କେତିକ ଭାବରେ 'ପରିବାର' ଶବ୍ଦକୁ ନିଜର ବକ୍ତବ୍ୟରେ ଯୋଡ଼ିବାକୁ ଯାଇ କାଶ୍ମୀରବାସୀଙ୍କୁ ତାଙ୍କ ପରିବାର, ଏକ ବୃହତ୍ତର ଭାରତୀୟ ପରିବାରର ଏକ ଅଂଶ ଭାବରେ ଉଲ୍ଲେଖ କରିଥିଲେ, ଯାହା ସହିତ ନିଶ୍ଚୟ ଅଧିକାଂଶ ଭାରତୀୟ ସହ ?ମତ ହେବେ।

# ଉଡୁଥିବା ପକ୍ଷୀର ଡେଣା

ଜୟଶ୍ରୀ ପଟ୍ଟନାୟକ



**ନାରୀ ଶିକ୍ଷାର ପ୍ରସାର ପରେ ନାରୀ ଆଜି ସବୁ କ୍ଷେତ୍ରରେ ତାର ପାରଦର୍ଶୀତା ଦେଖେଇ ପାରିଛି । ତା ଦେହର ସୌନ୍ଦର୍ଯ୍ୟକୁ ବିଜ୍ଞାପିତ କରାଯାଉଛି ବିଜ୍ଞାପନରେ, ପାନୀୟ ଦ୍ରବ୍ୟରେ, ସିନେମାରେ, ଥିଏଟରରେ, ଟିଭି ଚାନେଲରେ ଏସବୁ କରିବା ଦ୍ୱାରା ପଥଭ୍ରଷ୍ଟ ହେଉଛି ଯୁବ ସମାଜ ଯାହା କାନ୍ଧରେ ଦେଶର ଭବିଷ୍ୟତ ରହିଛି ଆସନ୍ତା କାଲିର । ଏକଥା ବୁଝିବାକୁ ହେବ ଉଭୟ ନାରୀ ଓ ପୁରୁଷଙ୍କୁ ।**

ଭଗବାନଙ୍କ ସୃଷ୍ଟିରେ ନାରୀ ଓ ପୁରୁଷ ହେଉଛନ୍ତି ଗୋଟିଏ ରଥର ଦୁଇଟି ଚକ ସଦୃଶ । ନାରୀ ଓ ପୁରୁଷ ଉଭୟେ ପରିପୁରକ । ଜଣକ ବିନା ଅନ୍ୟ ଜଣର ଜୀବନ ଅଧୁରା। ପ୍ରତ୍ୟେକ ବ୍ୟକ୍ତିର ଜୀବନ ପରିପୂର୍ଣ୍ଣ ହୁଏ ନାରୀର ସହଯୋଗରେ । ସୃଷ୍ଟି ଓ ବିକାଶରେ ଉଭୟଙ୍କ ଉପସ୍ଥିତି ଜରୁରୀ । ଘରଟିଏ ଗଢା ହୋଇଥାଏ ଇଟା କାନ୍ଥରେ ହେଲେ ଘରର ଭିତର ଗଢ଼ା ହୋଇଥାଏ ନାରୀ ପୁରୁଷର ସ୍ନେହ ମମତାରେ ଯେଉଁଠି ମାନସିକ ଶାନ୍ତି ମିଳେ ପରିବାରର ବନ୍ଧନ ଟିଏ ଥାଏ । ସକାଳୁ ଶେଯରୁ ଉଠିବା ଠାରୁ ରାତିକୁ ଶେଜକୁ ଯିବା ଯାଏଁ । ରୋଷେଇ ଘର କଥା ବୁଝିବା ଠାରୁ ରୋଜଗାର ଯାଏଁ । ପିଲାଙ୍କୁ ପାଳି ପୋଷି ବଡ଼ କରିବା ଠାରୁ ସେମାନଙ୍କୁ ବଡ଼ କରାଇ ସମାଜରେ ଛିଡ଼ା କରିବା ଯାଏଁ ଅହରହ ନିଜ ଶକ୍ତିକୁ ଅପଚୟ କରି ନିଜେ ତିଳ ତିଳ ଜଳି, କାନିରେ ଝାଳ ପୋଛି ସବୁରି ଓଠରେ ହସ ଭରୁଥିବା ନାରୀଟିଏ ପ୍ରତିଦାନରେ କିଛି ପାଏନାହିଁ ବରଂ ନିଜ ଖୁସିକୁ ଭୁଲିଯାଇ ଅନ୍ୟକୁ ସୁଖରେ ରଖିବାର ପ୍ରୟାସ ଜାରିରଖେ ସବୁବେଳେ । ସେ ଏମିତି ଏକ ବ୍ୟାଙ୍କ ସଂସ୍ଥା ଯେଉଁଠି ରାଗ, ଦ୍ୱେଷ, ଅହଂକାର, ଦୁଃଖ ,ସୁଖ ସବୁକୁ ଜମା କରି ରଖିହୁଏ ଏମିତି ଏକ ଅଠା ଯାହା ବାନ୍ଧି ରଖିଥାଏ ପାଞ୍ଚ ମନ ପଚିଶ ପ୍ରକୃତିକୁ । ଏମିତି ଏକ କାନି ପଣତ ଯାହା ଛାଇରେ ଜୀବନର ସବୁ ସନ୍ତୁଷ୍ଟି ପାଇହୁଏ । ଏମିତି ଏକ କୋଳ ଯେଉଁଠି ସନ୍ତାନକୁ ପାଳି ପୋଷି ବଡ଼ କରିବାରେ ଥାଏ ମାତୃତ୍ୱର ମହତ ଗୁଣ । ସ୍ୱାମୀକୁ ପତନରୁ ଉଦ୍ଧାର କରେ ବୋଲି ସେ ପତ୍ନୀ, ଗୃହର ମଣି ହେତୁ ଗୃହିଣୀ, ଧର୍ମ କାର୍ଯ୍ୟ ସହ ଯୋଗାଯୋଗ ହେତୁ ସହଧର୍ମିଣୀ,ବିପଦରୁ ଉଦ୍ଧାର କରେ ବୋଲି ବୋଉ, ମାଟିଠୁ ଆକାଶ ପର୍ଯ୍ୟନ୍ତ ସ୍ନେହରେ ବିସ୍ତରୀ ଥାଏ ବୋଲି ମା, ଦୁଇ କୁଳର ହିତ ସାଧନ କରୁଥିବାରୁ ଦୁହିତା, ଦୁଇ କୁଳକୁ ଧନ୍ୟ କରିଥାଏ ବୋଲି କନ୍ୟା,ଗୃହ ଭାର ସମ୍ଭାଳେ ବୋଲି ଭାର୍ଯ୍ୟା, ପ୍ରେମର ପ୍ରାପ୍ତି, ଅପ୍ରାପ୍ତି,ଆଶା, ନିରାଶାକୁ ଗଣ୍ଠେଇ ଥାଏ ବୋଲି ପ୍ରେମିକା , ମଙ୍ଗଳା ଓଷା କରି ଭାଇର ମଙ୍ଗଳ ମନାସୁଥାଏ ବୋଲି ଭଉଣୀ । ସ୍ୱାମୀର ଦୁଃଖରେ ଦୁଃଖୀ ଓ ସୁଖରେ ସୁଖୀ ହୋଇ ଚାଲୁଥାଏ ବୋଲି ସ୍ତ୍ରୀ,ବାର ବ୍ରତ ଉପାସନା କରି ପରିବାରର ମଙ୍ଗଳ ମନାସୁଥାଏ ବୋଲି ନାରାୟଣୀ ,ଗୃହର ସବୁ କଥାକୁ ବୁଝିପାରେ ବୋଲି ସେ ଗୃହଲକ୍ଷ୍ମୀ । ସବୁ ରୂପରେ ଥାଏ ସେ। ନାରୀ ଭୂମିକା ପରିବାର ରେ ଗୁରୁତ୍ୱପୂର୍ଣ୍ଣ । ଜନନୀ, ଜାୟା,ଭଗିନୀ ବିଭିନ୍ନ ଭୂମିକା ସେ ତା ଜୀବନରେ ତୁଲାଇଥାଏ ବାସ ଟିକେ ସ୍ନେହ ,ଶ୍ରଦ୍ଧା ଓ ଭଲପାଇବାର ବିନିମୟରେ । ସେଥିପାଇଁ କୁହାଯାଏ- କାର୍ଯ୍ୟେସୁ ମନ୍ତ୍ରୀ, କର୍ମେଷୁ ଦାସୀ, ଧର୍ମେଷୁ ପତ୍ନୀ, କ୍ଷମୟା ଧରିତ୍ରୀ, ସ୍ନେହେଷୁ ମାତା, ଶୟନେଷୁ ରମ୍ଭା, ସଙ୍ଗେଷୁ ସଖା ।

ଦୁଃଖ ଓ ପରିତାପର ବିଷୟ ଏସବୁ ସତ୍ତ୍ୱେ ବି ନାରୀ ତାର ଅଧିକାର ପାଇପାରିନି । ବହୁ କ୍ଷେତ୍ରରେ ଅବହେଳିତା, ନିର୍ଯ୍ୟାତିତା। ବହୁ କ୍ଷେତ୍ରରେ ନାରୀ ମାନଙ୍କ ଠାରୁ ପୁରୁଷ ମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଉଛି । ନାରୀ ସମାଜର ଅବିଚ୍ଛେଦ୍ୟ ଅଙ୍ଗ ହେଲେ ମଧ ପୁରୁଷକୁ ଅଧିକ ପ୍ରାଧାନ୍ୟ ଦିଆ ଯାଇଥାଏ । ଯେତେ ପ୍ରତିଭା ଥିଲେ ମଧ ତାର ସ୍ୱାଧୀନତାକୁ ବଳି ଦିଆଯାଏ । ସମାଜରେ ଅଶିକ୍ଷା, ଯୌତୁକ ପ୍ରଥା, ଭ୍ରୁଣ ହତ୍ୟା, ପୁଅ ଝିଅର ଅସମାନତା, ଦୁଷ୍କର୍ମ ପରି ରୁଗ୍ଣ ମାନସିକତା ତାର ଉନ୍ନତି ପଥରେ ଅନ୍ତରାୟ ସୃଷ୍ଟି କରେ । ଭଲ ପାଠ ପଢିଲେ ବି ଉପଯୁକ୍ତ ବରପାତ୍ର ନ ମିଳିବାର ଆଳ ଦେଖାଇ ପାଠରେ ଡୋରୀ ବନ୍ଧାଯାଏ । ତାର ଜ୍ଞାନ ଓ ପ୍ରତିଭାକୁ ଚାପି ଦିଆଯାଏ । ସୃଷ୍ଟି ଓ ବିକାଶରେ ଉଭୟଙ୍କର ଭୂମିକା ରହିଥିବା ବେଳେ ନାରୀଟିଏ ସବୁବେଳେ ଉପେକ୍ଷିତାହୋଇଥାଏ । ଆଗକୁ ବଢିବାର ସତସାହସ କଲେ ତାକୁ ନାନା କଥା, ଅତ୍ୟାଚାର, ନିର୍ଯ୍ୟାତନା କୁ ସାମ୍ନା କରିବାକୁ ପଡେ । ସୁପ୍ରିମକୋର୍ଟ କହିଛନ୍ତି ଗୃହିଣୀଙ୍କ କାମ ଦରମା ପାଉଥିବା କୌଣସି ବ୍ୟକ୍ତିଠାରୁ କମ ନୁହେଁ । ଘରେ କାମ କରୁଥିବା ମହିଳା ପୁରୁଷ ଠାରୁ ଦୁଇଗୁଣ ଅଧିକ କାମ କରନ୍ତି । ଜଣେ ମହିଳା ଘରର ସମସ୍ତ ସଦସ୍ୟ ପାଇଁ ଖାଦ୍ୟ ପ୍ରସ୍ତୁତ କରେ, ସଫାସୁତୁରା ରଖେ ଘର, ପିଲାଙ୍କ ଓ ବୟସ୍କଙ୍କ ଦାୟିତ୍ୱ ନିଏ, ଘରର ମାସିକ ବଜେଟ ପରିଚାଳନା କରେ । ଗ୍ରାମାଞ୍ଚଳ ମହିଳା ଘର କାମ ସହିତ ଚାଷ କାମରେ ସାହାଯ୍ୟ କରେ । ମହିଳା ଚାକିରୀ କରି ଦରମା ଆଣୁଥିଲେ ବି ଘରର କାମ କରେ ତେଣୁ ଏ ସମାଜରେ ସମସ୍ତେ ନାରୀ ବା ମହିଳାଙ୍କ ଗୁରୁତ୍ୱ ଉପଲବ୍ଧି କରିବା ଉଚିତ । ତେଣୁ ତ କୁହାଯାଇଛି

ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ
ରମନ୍ତେ ତତ୍ର ଦେବତା
ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ
ସର୍ବାସ୍ତତ୍ରା ଫଳାହ କ୍ରିୟାହ
ଅତୁଲମ ତତ୍ର ତତ୍ତେଜହ
ସ୍ୱର୍ଦ୍ଦେ ଶରୀରଜମ
ଏକସ୍ଥମ ତଦଭୁନ୍ନାରୀ
ବ୍ୟାପ୍ତତ୍ରୟ ଲୋକମ ତିଷା ।

ଅର୍ଥାତ ସମସ୍ତ ଦେବଦେବୀଙ୍କ ଶରୀରରୁ ଉତ୍ପନ୍ନ ଦୀପ୍ତି ବା ତେଜ ତିନିଲୋକ ପରିକ୍ରମା କରିସାରିବା ପରେ ପୁନଶ୍ଚ ଏକତ୍ରିତ ହୋଇ ଯେଉଁ ରୂପ ଧାରଣ କରିଥିଲା ତାହା ହିଁ ନାରୀ ଏବଂ ଯେଉଁ ଘରେ ନାରୀର ପୂଜା ହୁଏ, ଆଦର ହୁଏ ସେହିଘରେ ବାସ କରନ୍ତି ଦେବତା । ଆଜି ବି ସମାଜରେ ନାରୀମାନେ ପ୍ରକୃତ ଅଧିକାର ପାଇବାରୁ ବଞ୍ଚିତ ହେଉଛନ୍ତି । ଆମ ନେତା ଜ୍ଞାନୀ ଗୁଣୀ ବ୍ୟକ୍ତିଗଣ ନାରୀ ଅଧିକାର ସମାନତା ଓ କ୍ଷମତା ସମ୍ପର୍କରେ ଭାଷଣ ଦିଅନ୍ତି ମଞ୍ଚରେ ହେଲେ କାମ ବିପରୀତ । ନାରୀ ନିଜେ ସଶକ୍ତ ହେବାପାଇଁ ସଂଗ୍ରାମ ଜାରି ରଖିଛି । କାରଣ ଦିନ ଥିଲା ପରଦା ପ୍ରଥା, ବାଲ୍ୟ ବିବାହ, ଯୌତୁକ ପ୍ରଥା, ସତୀଦାହ ପ୍ରଥା ସମାଜକୁ କୁସଂସ୍କାର ଭିତରେ ଢାଙ୍କି ରଖିଥିଲା। ଖାଦ୍ୟ ପ୍ରସ୍ତୁତ ଓ ସନ୍ତାନ ଜନ୍ମ ଭିତରେ ଜୀବନ ସନ୍ତୁଳି ହେଉଥିଲା । ପାଟି ଖୋଲିଲେ ତାକୁ ମରଣର ସାମ୍ନା ନତୁବା ବଳତ୍କାରର ସାମ୍ନା ହେବାକୁ ପଡୁଥିଲା । ସମୟ ବଦଳିଲା ସମାଜ ବୁଝିଲା ନାରୀର ଔରସରୁ ଜନ୍ମ ହୋଇଥିଲେ ଶଙ୍କର, ରାମାନୁଜ, ବୁଦ୍ଧ, ନାନକ, ମହମ୍ମଦ, ଯୀଶୁ,

କନଫୁସିଅସ ପ୍ରଭୃତି ଅନେକ ଆଦର୍ଶବାଦୀ ପୁରୁଷ ଯୋଉମାନେ ଏ ସମାଜକୁ ନିଜର ଆଦର୍ଶ ଗୁଣରେ, ଉପଦେଶରେ ଆଲୋକିତ କରିଯାଇଛନ୍ତି । ନାରୀ ବିନା ଘର ଘର ନୁହେଁ, ସଂସାର ସଂସାର ନୁହେଁ । ନାରୀ ବିନା ସୃଷ୍ଟି ସୃଜନକ୍ରିୟା ଅଧୁରା ରହିଯିବ ବୁଝିଥିଲେ ସମାଜ ସଂସ୍କାରକ ରାଜା ରାମ ମୋହନ ରାୟ, ଦୟାନନ୍ଦ ସରସ୍ୱତୀ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର,ବିବେକାନନ୍ଦ, ମହାତ୍ମା ଗାନ୍ଧୀ,ଗୌରୀ ଶଙ୍କର ରାୟ। ବୁଝିଥିଲେ ବି ଲର୍ଡ଼ ଉଇଲିୟମ ବେଣ୍ଟିକ ,ଲର୍ଡ଼ ମ୍ୟାକଲେ ଯେଉଁମାନେ କି ସତୀଦାହ, ବାଲ୍ୟବିବାହ, ପରଦା ପ୍ରଥା ଉଚ୍ଛେଦ କରି ନାରୀ ଶିକ୍ଷା ଓ ପ୍ରଗତିକୁ ଧ୍ୟାନ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀ ବୁଝିଥିଲେ ସମାଜର ଦୁଇଟି ଚକ ନାରୀ ଓ ପୁରୁଷ । ଯଦି ଦେଶର ପ୍ରଗତି ଚାହିଁ ତେବେ ନାରୀ ଶିକ୍ଷା ଓ ସ୍ୱାଧୀନତାକୁ ପ୍ରାଧାନ୍ୟ ଦିଅ। ଯଦି ବେଦରେ ଆପାଲା ଗାର୍ଗୀ, ମୈତ୍ରେୟୀ, ବିଶ୍ୱବାରା ସମ୍ମାନ ପାଉଥିଲେ ଐତିହାସିକ ଯୁଗର ଲୀଳାବତୀ, ଝାନ୍ସି ରାଣୀ ଲକ୍ଷ୍ମୀବାଈ, ରାଣୀ ଦୁର୍ଗାବତୀ, ରାଣୀ ପଦ୍ମିନୀ, ମୀରାବାଈ ଇତିହାସର ପୃଷ୍ଠା ମଣ୍ଡନ କରିଛନ୍ତି ଏ ଯୁଗର ସରୋଜିନୀ ନାଇଡୁ, କସ୍ତୁରବା, କମଳା ନେହେରୁ, ବିଜୟଲକ୍ଷ୍ମୀ, ଅମୃତା ପ୍ରୀତମ, କୁନ୍ତଳା କୁମାରୀ ଆଦି ନାରୀ ପ୍ରତିଭା ଆମର ଗର୍ବ ଓ ଗୌରବ । ଇନ୍ଦିରା ଗାନ୍ଧୀ, କିରଣ ବେଦୀ, ପ୍ରତିଭା ପାଟିଲ, କଳ୍ପନା ଚାଓଲା, ଦ୍ରୌପଦୀ ମୂର୍ମୁ ସଫଳତାର ପୃଷ୍ଠାର ଉଦାହରଣ ସାଜିଛନ୍ତି ନାରୀ ଜାତି ପାଇଁ । ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ଆହ୍ୱାନରେ ଅନେକ ନାରୀ ସଂଗ୍ରାମୀ ସ୍ୱାଧୀନତାର ମଙ୍ଗ ଧରିଥିଲେ । ଓଡ଼ିଶାର ରମାଦେବୀ, ସାରଳା ଦେବୀ, ଅର୍ଣ୍ଣପୁର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ ଙ୍କ ଅବଦାନ ଆଜିବି ଇତିହାସର ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ତେବେ ନାରୀ କାହିଁକି ପୁରୁଷର ସମକକ୍ଷ ହୋଇପାରିବନି ? ଯଦି ଧନ ପାଇଁ ଲକ୍ଷ୍ମୀ, ବିଦ୍ୟା ପାଇଁ ସରସ୍ୱତୀ, ଶକ୍ତି ପାଇଁ ଦୁର୍ଗାଙ୍କୁ ମନ୍ଦିରରେ ପୂଜୁଛୁ ତେବେ ଘର ଭିତରେ ଥିବା ରକ୍ତ ମାଂସ ଧାରୀ ଦେବୀ ପ୍ରତିମାଟିଏ କାହିଁକି ହେବ ଅବହେଳିତା, ନିର୍ଯ୍ୟାତିତା ? ଆମକୁ ବୁଝିବାକୁ ହେବ ଯେ ନାରୀ ପୁରୁଷର ସହଚରୀ। ନାରୀ ପ୍ରତିଭାକୁ ଚିହ୍ନି ତାକୁ ଉପଯୋଗ କରି ଆମେ ସାମାଜିକ, ଅର୍ଥନୈତିକ, ରାଜନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିପାରିଲେ ସମାଜରେ ରହିବନି ନାରୀ ଅବଳା ଦୁର୍ବଳା ର ମାନସିକତା। ଶରୀରଗତ ଦୃଷ୍ଟିକୋଣରୁ ନାରୀ ହୁଏତ ଦୁର୍ବଳ ହୋଇପାରେ କିନ୍ତୁ ମାନସିକ ସ୍ତରରେ ସେ ଦୁର୍ବଳ ନୁହେଁ । ନାରୀ ଶିକ୍ଷାର ପ୍ରସାର ପରେ ନାରୀ ଆଜି ସବୁ କ୍ଷେତ୍ରରେ ତାର ପାରଦର୍ଶୀତା ଦେଖେଇ ପାରିଛି । ତା ଦେହର ସୌନ୍ଦର୍ଯ୍ୟକୁ ବିଜ୍ଞାପିତ କରାଯାଉଛି ବିଜ୍ଞାପନରେ, ପାନୀୟ ଦ୍ରବ୍ୟରେ, ସିନେମାରେ, ଥିଏଟରରେ, ଟିଭି ଚାନେଲରେ ଏସବୁ କରିବା ଦ୍ୱାରା ପଥଭ୍ରଷ୍ଟ ହେଉଛି ଯୁବ ସମାଜ ଯାହା କାନ୍ଧରେ ଦେଶର ଭବିଷ୍ୟତ ରହିଛି ଆସନ୍ତା କାଲିର । ଏକଥା ବୁଝିବାକୁ ହେବ ଉଭୟ ନାରୀ ଓ ପୁରୁଷଙ୍କୁ । ନାରୀ ସ୍ୱାଧୀନତା ଅର୍ଥ ନୁହେଁ ଉଶୃଙ୍ଖଳ ବ୍ୟବହାର କରି ସମାଜକୁ ପଥଭ୍ରଷ୍ଟ କରିବା । ପୁରୁଷର ମନକୁ ଉତ୍ତେଜିତ କରିବା ନାରୀ ଯେପରି ସୃଷ୍ଟିକାରିଣୀ ସେହିପରି ପାଳନ କାରିଣୀ । ନିଜେ ସଂସ୍କାରିତ, ସୁସଂଯତ, ସୁମାର୍ଜିତ ହୋଇ ନିଜର, ପରିବାରର, ସମାଜର, ଦେଶର ପ୍ରଗତି ପାଇଁ ଢାଲ ପରି ଛିଡାହେଲେ ସେହି ହେବ ତାର ସୌନ୍ଦର୍ଯ୍ୟ, ସଶକ୍ତ ହେବାର ମହାମନ୍ତ୍ର । ଜନ୍ମିତ ଶିଶୁକୁ ଯେପରି ନିଜର ସ୍ନେହ ଶ୍ରଦ୍ଧା, ଭଲପାଇବା, ଆଦର, ଯତ୍ନ ସହକାରେ ବଢ଼ାଏ ସମାଜକୁ ସେହିପରି ସୁମାର୍ଜିତ, ସୁସଂଯତ ହୋଇ ଗଢିବା ଦରକାର। ଗଢ଼ି ଜାଣିଲେ ଘର ସୁନ୍ଦର, ବାନ୍ଧି ଜାଣିଲେ ବେଣୀ ସୁନ୍ଦର ପରି ମାନସିକତା ରଖିଲେ ନିଜପାଇଁ ସଂସାର ପାଇଁ ଅନ୍ୟ ନାରୀ ମାନଙ୍କ ପାଇଁ ଉଦାହରଣ ପାଲଟିବ ନଚେତ ନିଜ କୁରାଢ଼ୀ ରେ ନିଜ ଗୋଡ଼କୁ ଛେଦନ କରିବା। ଏକଥା ବି ପ୍ରତ୍ୟେକ ନାରୀକୁ ବୁଝିବା ଦରକାର। ତେବେ ଯାଇ ସମସ୍ତଙ୍କର ଉନ୍ନତି ହୋଇପାରିବ । ସ୍ୱପ୍ନକୁ ସାକାର କରିବା ପାଇଁ ଚେଷ୍ଟା କରି ଉଡାଣ ଭର । ପଥଭ୍ରଷ୍ଟ ହେଲେ ନିଜ ପଥ ହି ନିଜକୁ ଅନ୍ଧାର ଲାଗିବ। ଏବେ ଆସିଛି ସେହି ନାରୀ ଜାଗରଣର ସମୟ । ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୦୩ ମସିହା ମାର୍ଚ୍ଚ ୮ ତାରିଖରେ ଏକ ନାରୀ ଜାଗରଣର ସୂତ୍ରପାତ ହୋଇଥିଲା ୨୦୦୩ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱରେ ନାରୀ ସଶକ୍ତିକରଣ ବା ମହିଳା ଦିବସ ରୂପେ ପାଳନ କରାଯାଏ । ମହିଳା ମାନେ ବହୁ ପ୍ରତିକୂଳ ପରିବେଶକୁ ସମ୍ମୁଖୀନ ହୋଇଥିଲେ ହେଁ ବର୍ତ୍ତମାନ ଏହା ଏକ ସାମାଜିକ ଜାଗରଣର ରୂପ ନେଇଛି ଏବଂ ଏହି ଜାଗରଣ ମାଧ୍ୟମରେ ବିଶ୍ୱର ନାରୀ ଜାତି ସୁସଙ୍ଗଠିତ ହୋଇ ନିଜର କ୍ଷମତା ଓ ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ପାଇଛନ୍ତି । ସରକାରଙ୍କ ପ୍ରଦତ୍ତ ସମସ୍ତ ସୁବିଧାକୁ ସତ ବାଟରେ ଲଗେଇବା ସମାଜରେ ନିଜେ ବଢ଼ିବା ଅନ୍ୟମାନଙ୍କୁ ବଢାଇବା, ନିଜେ ପଢିବା ଅନ୍ୟ ମାନଙ୍କୁ ପଢାଇବା । ନିଜର ଉନ୍ନତି ସାଥେ ସାଥେ ସମାଜରେ ଅବହେଳିତ, ଅଜ୍ଞାନ ମହିଳା ମାନଙ୍କ ଉନ୍ନତିରେ ମଧ ସହାୟକ ହେବା । ସେମାନଙ୍କ ଆଖିର ଅନ୍ଧ ପୁଟୁଳି ଖୋଲି ଜ୍ଞାନର ଆଲୋକ ଦେଖାଇବା। ଆସନ୍ତୁ ଆଜି ସମାଜରୁ କନ୍ୟା ଭ୍ରୁଣ ହତ୍ୟା, ଉଚ୍ଚ ଶିକ୍ଷାରୁ ବଞ୍ଚିତ, ଦୁଷ୍କର୍ମ, ପୁଅ ଝିଅର ଅସମାନତା ,ପ୍ରତିଭାରେ ଅନ୍ତରାୟ ହେବା ,ଅସମ୍ମାନ ପ୍ରଦର୍ଶନ କରିବା ଏସବୁ କଥା ଭୁଲିଯାଇ ତାଙ୍କ ପ୍ରଗତିରେ ସହାୟକ ହୋଇ ସେମାନଙ୍କୁ ଆଗକୁ ନେବା । ପାଠ ପଢ଼ାଇବା,ସବୁ କ୍ଷେତ୍ରରେ ସମାନ ସୁଯୋଗ ଦେବା ସମାଜର ଅଗ୍ରଗତି ତଥା ପରିବାରର କଲ୍ୟାଣରେ ସହାୟକ ହେବା । କାରଣ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ନାରୀ ଓ ପୁରୁଷ। ସେ ଫକୀରମୋହନ ଙ୍କ ରେବତୀ ଚରିତ୍ରରେ ସୀମିତ ନ ହୋଇ ସଶକ୍ତ ହେଉ ପ୍ରଗତି ରଥର ସାରଥି ହେଉ। ଉଡ଼ିବାକୁ ଚେଷ୍ଟା କରୁଥିବା ପକ୍ଷୀର ଡେଣା ନ କାଟି ତାକୁ ଉଡ଼ିବାର ସାମର୍ଥ୍ୟ ଦେବା ।

+ ଭୁବନେଶ୍ୱର
୭୯୭୮୧୧୦୪୭୪




## ସୃଷ୍ଟିରେ ତୁମେ ନାରୀ

ବେଣୁଧର ସୂତାର

ସ୍ରଷ୍ଟାର ତୁମେ ଶ୍ରେଷ୍ଠ ଅବଦାନ
ସୃଷ୍ଟିରେ ତୁମେନାରୀ
ଅନ୍ତରେ ତୁମ ବିଶ୍ୱକଲ୍ୟାଣ
ବିଧାତା ଦେଇଛି ଭରି
ସୃଷ୍ଟି ସର୍ଜନାର ତୁମେତ ଆଧାର
ସଞ୍ଜିବନୀ ସୁଧା ଧାରୀ
ସୃଷ୍ଟିରେ ତୁମେ ନାରୀ......

ତୁମେ ସୃଜନର ସମ୍ଭାବନା ସୁର
ମମତାର ସୁର ଧ୍ୱନୀ
ଅୟୀ ପ୍ରକୃତିର ପରିପୂର୍ଣ୍ଣ ରୂପ
ବିଶ୍ୱରୂପା ସନାତନୀ
ତୁମବିନା ସ୍ଥିତି ଶୂନ୍ୟ ପରିସ୍ଥିତି
ନିଥର ଶୂନ୍ୟତା ପରି
ସୃଷ୍ଟିରେ ତୁମେ ନାରୀ .......

ସୃଷ୍ଟିମୟୀ ତୁମେ ନିଖିଳ ସୃଷ୍ଟିର
ପୁଣ୍ୟମୟୀ ତେଜସ୍ୱିନୀ
ପବିତ୍ର ପ୍ରେମର ଧର୍ମ ଧାରିଣୀ
ମମତାର ସ୍ରୋତସ୍ୱିନୀ
ତୁମ ବ୍ୟତିରେକ ଏସୃଷ୍ଟିର ସୂତ୍ର
ହୁଏ ସିନା ହତଶିରୀ
ସୃଷ୍ଟିରେ ତୁମେ ନାରୀ........

ତୁମେ ସୃଜନର ଶାଶ୍ୱତ ସ୍ୱରୂପା
ସୃଷ୍ଟିର ଆଦିମ ଧାରା
ବକ୍ଷରେ ତୁମର ମମତା ମଧୁର
ପ୍ରାଣ ସଞ୍ଜିବନୀ ଭରା
ତୁମେ ଆଦିମାତା ସୃଷ୍ଟିର ସଂହିତା
ବିମୋହିନୀ ରୂପଧାରୀ
ସୃଷ୍ଟିରେ ତୁମେ ନାରୀ.......

ଜନନୀ ଭଗିନୀ କନ୍ୟା ପ୍ରଣୟିନୀ
ଏ ସୃଷ୍ଟିର ଚାରି ରୂପ
ପ୍ରକୃତି ରୂପିଣୀ ତୁମେ ନାରାୟଣୀ
ମାତୃତ୍ୱ ମଙ୍ଗଳ ଦୀପ
ମାଆ ତୁମେ ଏଇ ଅନନ୍ତ ବିଶ୍ୱର
ନମୋ ନମୋ ଗର୍ଭଧାରୀ
ସୃଷ୍ଟିରେ ତୁମେ ନାରୀ.......

+ କେଶଦୁରାପାଳ
କେନ୍ଦୁଝର
(ମୋ) ୯୧୭୮୫୬୮୨୪୬

## ଗଙ୍ଗାଧର ଦୟାକର

ପ୍ରଶାନ୍ତ କୁମାର ଦାଶ

ଜପ ତପ ପୂଜା ଜାଣିନାହୁଁ କିଛି
ଗଙ୍ଗାଧର ଦୟାକର
ପଢି ଭଲପାଠ ହେବୁ ଭଲ ଚାଟ
ଦିଅ ମାଗୁ ଏହିବର ।।

ପଶୁପତି ଶିବ ଜୟ ଗଙ୍ଗାଧର
ଜାଗର ରାତିରେ ଆମେ
ଜାଳୁ ଭରି ଘିଅ ସଳିତା ଦୀପରେ
ଭକ୍ତିରଖି ତ୍ୱ ନାମେ ।।

ପିଇଥିଲ ବିଷ ପ୍ରଭୁ ଉମାଈଶ
ଜଗତର ହିତ ପାଇଁ
ତୁମଠାରୁ ଉପକାରୀ ଦେବତାକେ
ଆମରି ଜଗତେ ନାହିଁ ।।

କେତେ ଦୁଃଖ ସହି ଭୋକ ଦୁଃଖେ
ରହି
କାଟି ବର୍ଷ ମାସ ଦିନ
ସୁନାପିଲାଟିଏ କରିଛନ୍ତି ବାପା
ମାଆଯେ ଲଗାଇ ମନ ।।

ଘରଖଣ୍ଡେ ନାହିଁ ମୁଣ୍ଡ ଗୁଞ୍ଜିବାକୁ
ନାହିଁ ପାଖେ ଖାତା ବହି
ତୁମ କରୁଣାରୁ ପାଇଯିବୁ ସବୁ
ଏ ମହା ମହୀରେ ରହି ।।

କେତକୀ ଦୁଦୁରା ଗଈଶ କୁସୁମ
ତୁମରି ଶିରରେ ଦେଇ
ମାଗୁଛୁ ତୁମରି ଅସରା ଆଶିଷ
ସୁନାପିଲା ଯିବୁ ହେଇ ।।

ଦେବ ଗଙ୍ଗାଧର ବାରେ ଦୟାକର
ଅମାରାତି ହେଉ ନାଶ
କାମକୁ କରାଅ ସରସ ସୁନ୍ଦର
ବିତରିବୁ ହସ ବାସ ।।

+ କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
(ମୋ) ୯୬୬୮୮୨୨୧୯୦

## ଫଗୁଣ ସମ୍ଭାର !

ସୁଶ୍ରୀ ସଙ୍ଗୀତା ସେଠୀ



ଆମ୍ବ ବଉଳ କୋଇଲିର ଗାନ ମୃଦୁ ମଳୟ ସମ୍ଭାରେ
କଲ୍ଲୋଳିତ ନଦୀ ଗଗନ ଆଚ୍ଛାଦିତ ଫଗୁଣର ଆରମ୍ଭରେ !
ବିମାନରେ ବିଜେ ଦୋଳଗୋବିନ୍ଦ ଧରା ରଙ୍ଗୀନ ଫଗୁରେ
ଦାଣ୍ଡ ଅଗଣା ରଙ୍ଗାଳୟ ସାଜେ ରାଧାମାଧବଙ୍କ ପ୍ରେମ ହୋରିରେ !

ଗାଁ ଦାଣ୍ଡେ ନୃତ୍ୟ ରଚି ଦୁହେଁ ଉଡ଼ାଇ ପ୍ରେମ ଫଗୁ ଜଗତରେ
ଫଗୁଣକୁ ଡାକି ଚହଟେଇ ଦିଶ ବୋଳନ୍ତି ଅଭିର ବାତାବରଣରେ।
ଝୁମିଯାଏ ଜନଜୀବନ ସେ ପ୍ରେମରସରେ ବିଭୋର କାହ୍ନା ପ୍ରେମରେ
ଦେହ ସାରା ବୋଳି ପ୍ରଭୁ ନାମରସ ନୃତ୍ୟ ରଚନ୍ତି ହରଷରେ।

ଏ ସମ୍ଭାରେ ମହୀ ଉତ୍ସବ ମୁଖର ନୂଆବର୍ଷକୁ ସ୍ୱାଗତ କରେ
ନବପଲ୍ଲବରେ ନିଜକୁ ସଜେଇ ଗଭା ବାନ୍ଧେ ନବମଲ୍ଲିକାରେ।
ବସନ୍ତ ନୁହେଁ ସେ ଋତୁଙ୍କ ରାଜା ଫଗୁଣ ରାଣୀ ତା ପୁରେ
ଧରାକୁ ସଜେଇ ସବୁରି ମନକୁ ପ୍ରଫୁଲ୍ଲିତ ଚିତ୍ତେ ଭରେ।

ପଳାଶ ବିଞ୍ଚି ତା ନାଲିର ଅଭିର ଫଗୁଣ ସୀମନ୍ତ ଭରେ
ଜୀବନର ରଙ୍ଗ ଖେଳିଯାଏ ସତେ ଏଇ ଫଗୁଣ ସମ୍ଭାରେ।

ଯାଜପୁର

## ଓଁ ନମୋ ଶିବାୟଃ

ହରେରାମ ପଣ୍ଡା

ଓଁ ନମୋ ଶିବାୟଃ ଓଁ ନମୋ ଶିବାୟଃ
ଓଁ ନମୋ ଶିବାୟଃ ଜପରେ,
ପାରିହେବୁ କୁମ୍ଭୀପାକ ନରକରୁ
ହରିଯିବ ସବୁ ପାପରେ ।
ଚନ୍ଦ୍ରଶେଖର ଭୋଳା ଶ୍ରୀମହେଶ
ପ୍ରଭୁ ମଙ୍ଗଳ ଆଳୟ,
ଗଙ୍ଗାଧର ପ୍ରଭୁ ପାର୍ବତୀଙ୍କ ପତି
ଶଙ୍କର ଆନନ୍ଦ ମୟ,
ଜଗତ କାରଣ ଦୁଃଖ ବିନାଶନ
ତାଙ୍କ ପାଦେ ରଖ ଲୟରେ ।
ବିଭୂତି ଭୂଷଣ ବୃଷଭ ବାହନ
ପ୍ରଭୁ ଦେବ ତ୍ରିଲୋଚନ,
ସର୍ପ ଭୂଷଣ ଦେବ ଉମାପତି
ମୁକ୍ତିଦାତା ପଞ୍ଚାନନ,
କୋପେ ବର ପୁଣି ତପେ ବର ତାଙ୍କ
କର ସଦା ଗୁଣ ଗାନରେ ।
କରୁଣାବତାର ଭୁଜଗେନ୍ଦ୍ରହାର
ବନ୍ଦେ ଦେବ ପଶୁପତି,
ପନ୍ନଗ ଭୂଷଣ କଷଣ ତାରଣ
କଳ୍ପତରୁ ଜଗତ୍ ପତି,
ବହ୍ନିନୟନ ବନ୍ଦେ ଶିବ ଶମ୍ଭୁ
ନାମକୁ ମନରେ ଭଜରେ।


କୁଆଁସ , ମେରଦା କାଟିଆଛକ , ଯାଜପୁର
ମୋ: ୯୪୩୮୦୬୫୧୯୫





# ଭଦ୍ର ଚେହେରା, ଅସାଧୁ କାମ

## ସନ୍ତୋଷ କୁମାର ଅଦାବର



ମଧୁ ଜଣେ ପନିପରିବା ବ୍ୟବସାୟୀ । ପାଖ ଗାଁ ବା ସହର ଗୁଡ଼ିକରେ ବସୁଥିବା ସାପ୍ତାହିକ ବଜାର ଗୁଡିକୁ ନେଇ ପନିପରିବା ବିକ୍ରିକରି ଦୁଇ ପଇସା ରୋଜଗାର କରେ ଏବଂ ତା'ର ପରିବାର ଚଳାଏ। ମଝି ମଝିରେ ବଜାରରୁ ଫେରି ଆସି ଅପରାହ୍ନ ସମୟରେ ସେ ନିଜ ଛୋଟିଆ ମଟର ସାଇକେଲରେ ଆଖ ପାଖ ଗାଁ କୁ ଗାଁ ବୁଲି ମଧ୍ୟ ପନି ପରିବା ବିକିଥାଏ।


ଦିନେ ସେ ପାଖ ଗାଁ ଗୁଡ଼ିକରେ ପରିବା ବିକି ନିଜ ଗାଆଁକୁ ଫେରୁଥାଏ। ଫେରିବା ବେଳକୁ ସଂଧ୍ୟା ହୋଇ ଯାଇଥାଏ । ବାଟରେ ଗୋଟିଏ ନିଛାଟିଆ ସ୍ଥାନ ପଡ଼ିଥାଏ । ସେ ରାସ୍ତାରେ ଲୋକ ମାନଙ୍କର ଯାଆ ଆସ ପ୍ରାୟ ବହୁତ କମ୍। ସେଦିନ ବିଳମ୍ବ ହୋଇଯିବାରୁ ଡରି ଡରି ସେ ଆସୁଥାଏ। ବାଟରେ ଜଣେ ଭଦ୍ରଲୋକ ତାକୁ ଅଟକାଇଲେ ଏବଂ ମୁରୁକି ହସି ସେ ଆଗରେ ଥିବା ଗୋଟିଏ ଗାଁ ପର୍ଯ୍ୟନ୍ତ ତାକୁ ମଟର ସାଇକେଲରେ ବସେଇ ନେଇଯିବାକୁ ଅନୁରୋଧ କଲେ। ନିଛାଟିଆ ରାସ୍ତାରେ ଜଣେ ଭଦ୍ର ଲୋକକୁ ଦେଖି ମଧୁର ଭୟ ଦୂର ହେଲା। କିଛି ବାଟ ଯିବା ପରେ ଭଦ୍ରଲୋକଟି ପରିସ୍ରା ଯିବ ବୋଲି ମଧୁକୁ କହି ମଟର ସାଇକେଲ ଅଟକାଇବାକୁ କହିଲା । ମଧୁ କିନ୍ତୁ ମଟରସାଇକେଲ ଅଟକାଇଲା ନାହିଁ। କାରଣ ସେ ଭଲ ଭାବରେ ଜାଣିପାରିଥିଲା ଯେ ସେ ଭଦ୍ରଲୋକ ଭଳି ଦେଖାଯାଉଥିବା ଲୋକଟି ଅସାଧୁ ପ୍ରକୃତିର ଥିଲା ବୋଲି। ପ୍ରଥମରୁ ସେ କିନ୍ତୁ ଜଣା ପଡୁ ନ ଥିଲା। ବାଟରେ ତା'ସହ ଆସିବା ସମୟରେ ତା'ର କଥାବାର୍ତ୍ତାରୁ ଭଲ ଭାବରେ ଜାଣି ସାରିଥିଲା ମଧୁ। କାରଣ ମଧୁ ପରିବା ବ୍ୟବସାୟ କରିବାର ପ୍ରାୟ ଦଶ ବର୍ଷର ଅଭିଜ୍ଞତା ଅଛି। ଗ୍ରାହକ ମାନଙ୍କୁ ଭଲଭାବରେ ଚିହ୍ନିପାରେ। କିଛି ମିଛୁଆ ଗ୍ରାହକ,କିଛି ମଜାକିଆ ଗ୍ରାହକ ଆଉ କିଛି ଭଲ ବୁଦ୍ଧି ଥିବା ଗ୍ରାହକ...ଏମିତି କେତେ ପ୍ରକାରର ଗ୍ରାହକଙ୍କୁ ସେ ଜାଣି ସାରିଛି। ମଟରସାଇକେଲରେ ତା' ସହ ଆସୁଥିବା ସମୟରେ ଭଦ୍ରଲୋକ ପରି ଦେଖାଯାଉଥିବା ଅସାଧୁ ଲୋକଟି ଆଉ ଜଣକ ସାଥିରେ ଫୋନରେ ସନ୍ଦେହରେ କିଛି କଥାବାର୍ତ୍ତା ହେଉଥିଲା। ମଧୁର ଭୟ ବଢ଼ିଗଲା। ସୌଭାଗ୍ୟକୁ ସେ ରାସ୍ତା ଦେଇ କିଛି ତା'ର ଚିହ୍ନା ପରିଚିତ ଶ୍ରମିକ ଭାଇ ନିଜ ନିଜ ସାଇକେଲରେ କାମ ସାରି ଗାଁକୁ ଫେରୁଥାଆନ୍ତି। ମଟରସାଇକେଲ ଆଲୁଅରେ ସେମାନଙ୍କୁ ଚିହ୍ନି ପାରିଲା ମଧୁ। ଅସାଧୁ ଲୋକଟିର କିନ୍ତୁ ଅକଲ ଗୁଡୁମ୍। ତାଙ୍କ ସହ କଥାବାର୍ତ୍ତା ହୋଇ କିଛି ବାଟ ଧିରେଧିରେ ମଧୁ ଗଲା ପରେ ସେ ଅପରିଚିତ ଲୋକଟି ଯିବାକୁ ଥିବା ଗାଁ ଆସିଲା। ସେଠାରେ ଚୋରକୁ ଛାଡ଼ିଦେଇ ସେ ନିଜ ଗାଁକୁ ଫେରିଲା।

ତା' ପରଦିନ ପ୍ରକୃତ କଥାଟା ଜଣାପଡ଼ିଲା ଯେ ସେ ଅସାଧୁ ଲୋକଟି କିଛି ଚୋରିକାମ ଯୋଗୁଁ ତା'ର ଅନ୍ୟ ସହଯୋଗୀଙ୍କ ସହ ପୋଲିସ ହାତରେ ଧରାପଡ଼ି ଥାନା ହାଜତରେ ଥିଲା ବୋଲି । ମଧୁ ମନେ ମନେ ଭାବିଲା- 'ଅଜଣା ଅଚିହ୍ନା ଲୋକଙ୍କୁ ଏଭଳି ପରିସ୍ଥିତିରେ କଦାପି ବିଶ୍ୱାସ କରିବା ଅନୁଚିତ। ଭଦ୍ରଲୋକ ଭଳି ଉପରୁ ଦେଖାଯାଉଥିବା ଚେହେରା ଭିତରେ ଅସାଧୁ ଭଳି ଦୁର୍ଗୁଣ ମଧ୍ୟ ଥାଇପାରେ।'

ବୀରମହାରାଜପୁର,ସୁବର୍ଣ୍ଣପୁର
ମୋ-୯୭୭୭୯୧୦୭୨୮

# ଦୁଇଟି ପ୍ରଶ୍ନ

## ପ୍ରଦ୍ୟୁମ୍ନ ପଟ୍ଟନାୟକ



ଦିନେ ଗୋଟିଏ ବିଦ୍ୟାଳୟକୁ ଜଣେ ପରିଦର୍ଶକ ଆସି ଥାଆନ୍ତି । ବିଦ୍ୟାଳୟ ପ୍ରାଙ୍ଗଣରେ ସବୁ ପିଲାମାନଙ୍କୁ ଏକାଠି କରି ଉଦବୋଧନ ଦେଉଥିଲେ । ଉପସ୍ଥିତ ଛାତ୍ର ଛାତ୍ରୀମାନଙ୍କୁ ସେ ଦୁଇଟି ପ୍ରଶ୍ନ ପଚାରିଲେ।

ପ୍ରଥମ ପ୍ରଶ୍ନ; ପିଲାମାନେ ତୁମେ ସବୁଦିନ ବିଦ୍ୟାଳୟ ଆସି ପାଠ ପଢୁଛ କାହିଁକି ?

ଏ ପ୍ରଶ୍ନର ଉତ୍ତର ବିଭିନ୍ନ ପିଲା ଭିନ୍ନ ଭିନ୍ନ ଭାବରେ ଦେଲେ । ଅଧିକାଂଶ ପିଲା କହିଲେ ଆମେ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିବାକୁ ପାଠ ପଢୁଛୁ । କିଛି ପିଲା କହିଲେ ଆମ ବାପା ମା' ଜେଜେ ଜେଜେମା ପଠାଇବାରୁ ଆମେ ପାଠ ପଢିବା ପାଇଁ ଆସୁଛୁ । କେହି କେହି ଗରିବ ପିଲା ଏକଥା ବି କହିଲେ ଯେ ଆମକୁ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ମିଳୁଥିବାରୁ ଆମେ ପଢିବା ପାଇଁ ଆସୁଛୁ ।

ପରିଦର୍ଶକଙ୍କ ଦ୍ୱିତୀୟ ପ୍ରଶ୍ନ ଥିଲା ; ପିଲାମାନେ ତୁମେ ବଡ଼ ହୋଇ କ'ଣ କରିବ ?

ଉତ୍ତର ଦେବାକୁ ଯାଇ ପିଲାମାନେ ନିଜ ନିଜ ଇଚ୍ଛା ପ୍ରକାଶ କଲେ । କିଏ କହିଲା ଡାକ୍ତର ହେବ ତ କିଏ ଇଞ୍ଜିନିୟର, କିଏ ପୁଲିସ ତ କିଏ ସୈନିକ। କେହି କେହି ନେତା ମନ୍ତ୍ରୀ ଅଫିସର ହେବା ପାଇଁ ଆଶା ରଖିଥିବା କଥା ବି କହିଲେ ।

ପରିଦର୍ଶକ କିନ୍ତୁ ତାଙ୍କ ପ୍ରଶ୍ନ ଦୁଇଟିର ସନ୍ତୋଷ ଜନକ ଉତ୍ତର ପାଇଲେ ନାହିଁ । ସେ ଯେପରି ଉତ୍ତର ଆଶା କରୁଥିଲେ ସେପରି ଜବାବ୍ କେହି ଦେଇ ନଥିଲେ । ତେଣୁ ସେ ପିଲାମାନଙ୍କୁ ବୁଝାଇବା ସହ ପ୍ରଥମ ପ୍ରଶ୍ନର ଉତ୍ତରରେ କହିଲେ।

ଶ୍ରେଣୀ ପରେ ଶ୍ରେଣୀ ଉତ୍ତୀର୍ଣ୍ଣ ହେବାକୁ ପରୀକ୍ଷାରେ ପାସ୍ କରିବା ଆବଶ୍ୟକ । ସେଥିପାଇଁ ମନ ଲଗାଇ ପାଠ ପଢିବା ପାଇଁ ପଡ଼ିବ । କେବଳ ପରୀକ୍ଷାରେ ପାସ କରିବା ପାଠ ପଢିବାର ପ୍ରକୃତ ଏବଂ ଏକମାତ୍ର ଉଦ୍ଦେଶ୍ୟ ନୁହଁ । ପାଠ ପଢିବାର ଅସଲ ଉଦ୍ଦେଶ୍ୟ ଜ୍ଞାନ ଆହରଣ କରିବା । ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରେଇ ଦେବା । ଅନ୍ଧ ବିଶ୍ୱାସ, କୁସଂସ୍କାର ଆଦିଠାରୁ ଦୂରରେ ରହିବା। ନିଜର ଉଚ୍ଚାରଣ ଆଚରଣ ବ୍ୟବହାରକୁ ମାର୍ଜିତ କରି ସମାଜରେ ଜ୍ଞାନ ବିତରଣ କରିବା । ବିଦ୍ୟାଳୟ ରେ ଯାହା ଶିଖିବା ତାକୁ ପାଳନ କରିବା ସହ ଅନ୍ୟ ମାନଙ୍କୁ ଶିଖାଇବା ।

ଦ୍ୱିତୀୟ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପରିଦର୍ଶକ କହିଲେ ।

ପିଲାମାନେ ତୁମେ ବଡ଼ ହୋଇ ଯେ କୌଣସି ବୃତ୍ତି ଗ୍ରହଣ କରିପାର, ଯେ କୌଣସି କାର୍ଯ୍ୟ କରିପାର । ସର୍ବଦା ଉଚ୍ଚ ମନା ହୋଇ ଉଚ୍ଚ ଆଶା କରିବା ଉଚିତ । ତା' ସହ ଏକଥା ବି ମନେ ରଖବ କୌଣସି କାର୍ଯ୍ୟ ଛୋଟ ନୁହଁ । ସବୁ କାର୍ଯ୍ୟର ଗୁରୁତ୍ୱ ଅଛି । ସବୁ କାର୍ଯ୍ୟର ମହତ୍ତ୍ୱ ଅଛି । ସେ ଚାଷୀ ହେଉ ବା ବ୍ୟବସାୟୀ ଅବା ଦପ୍ତରରେ ଚପରାସି କିମ୍ବା କୁଲି ମୂଲିଆ ସମସ୍ତଙ୍କୁ ସମ୍ମାନ ଦେବା ଆବଶ୍ୟକ । ସମସ୍ତ ଙ୍କ କାର୍ଯ୍ୟ ସମାଜ ପାଇଁ ଅପରିହାର୍ଯ୍ୟ ।

ପିଲାମାନେ ତୁମେ ବଡ଼ ହୋଇ ଯାହାବି କର ଆଗ ଜଣେ ଭଲ ମଣିଷ ହେବା ପାଇଁ ଚେଷ୍ଟା କରିବ । ଭଲ ମଣିଷ ହେବା ପାଇଁ କେତୋଟି ଭଲ ଗୁଣ ଆବଶ୍ୟକ, ଯେପରି ସତ୍ୟ ପଥ ଅନୁସରଣ କରିବା, ଅନ୍ୟର ଅନିଷ୍ଟ ଚିନ୍ତା ନକରି ପରୋପକାର କରିବା ଇତ୍ୟାଦି । ଦୟା, କ୍ଷମା, ସାଧୁତା ଆଦି ସୁଗୁଣକୁ ନିଜର ଆଚାର ବ୍ୟବହାରରେ ପ୍ରଦର୍ଶନ କରିବା ଉଚିତ । ତେବେ ଯାଇ ଆମ ଦେଶର ଆମ ସମାଜର ମଙ୍ଗଳ ହେବ।

ପାଠ ପଢିବାର ଅସଲ ଉଦ୍ଦେଶ୍ୟ ଏବଂ ଜଣେ ଭଲମଣିଷ ହେବାର ଉପଦେଶ ପରିଦର୍ଶକଙ୍କଠାରୁ ଶୁଣି ପିଲାମାନେ ଅନୁପ୍ରାଣିତ ହେଲେ । ସେହି କଥାକୁ ହେଜି କାର୍ଯ୍ୟ କଲେ ଦେଶ ଦଶର ମଙ୍ଗଳ ହେବ ବିଚାର କରିବାକୁ ଲାଗିଲେ ।

+ଫ୍ଲାଟ୍ ନମ୍ବର -୧୦୧, ପ୍ରକାଶ ଦୀପ ଟାୱାର ଜୟ ଦୁର୍ଗା ନଗର,
ଭୁବନେଶ୍ୱର -୭୫୧୦୦୬
ମୋ:୯୯୬୮୨୮୦୮୯୬

# ଆଦିମାନବ

## ନଗେନ୍ଦ୍ର ନାଥ ପଟ୍ଟନାୟକ

'ମା' ଆମ ପୂର୍ବପୁରୁଷ କ'ଣ ମଣିଷ ଥିଲେ ?' ସ୍କୁଲର ଫେରିଆସି ବସ୍ତାନିଟି ଘରର ଗୋଟେ କୋଣକୁ ଫିଙ୍ଗିଦେଇ ନିତିନ ସହସା ପଚାରିଲା ।

'ହଁ, କିନ୍ତୁ ତୁ ଏ ପ୍ରଶ୍ନ ପଚାରୁଚୁ କାଇଁକି ?'


- 'ଆଜି ଆମ ସ୍କୁଲର ଗୁରୁଜୀ କହିଲେ ।'

'ଗୁରୁଜୀ ଆଉ କଣ କହିଲେ ?'

-ହଜାର ବର୍ଷ ଆଗରୁ ମଣିଷ ଜଙ୍ଗଲରେ ରହୁଥିଲା । ଜଙ୍ଗଲୀ ଜୀବଜନ୍ତୁଙ୍କୁ ଶିକାର କରି ସେମାନଙ୍କ କଂଚା ମାସ ଆହାର କରୁଥିଲା । ସେମାନଙ୍କ ଘର ଆମ ଉଆସ ଭଳି ନ ଥିଲା । ସେମାନେ ଲୁଗାପଟା ପିନ୍ଧିବା ଜାଣିନଥିଲେ ।

- ଏକଦମ୍ ଠିକ କଥା କହିଚନ୍ତି ଗୁରୁଜୀ, ଏଇଲେ ଚାଲ କ'ଣ ଗଣ୍ଡେ ଖାଇଦେବୁ । ଏତକ କହି ମା' ତା' ପାଇଁ ଖାଇବା ବାଢିଦେଲେ ।

ଥାଳିରେ ନିତିନ ମନମାଫିକ ନାନା କିସମର ଖାଇବା ବଢା ଯାଇଥିଲା । ଭାତ ସବୁଜ ପନିପରିବାରେ ତିଆରି ସାଦା ତରକାରି, ଆଳୁ ପୋଟଳ କଷା, କ୍ଷୀରି ଆଉ କେତେ କଣ ସୁଆଦିଆ ଖାଦ୍ୟ । ନିତିନ କହିଲା -ମା' ସେ ଲୋକ କଣ ଏଇଆ ଭୋଜନ କରୁଥିଲେ ?



- ପୁଅ, ସେ କିଏ ?

- ଆରେ ସେଇ ଆଦିମାନବ । ଆରେ ତୁ କ'ଣ ସେଇଠି ଅଟକିଯାଇଚୁ ଏପର୍ଯ୍ୟନ୍ତ ! ବହୁବର୍ଷ ତଳେ ଯେତେବେଳେ ମଣିଷ ଧରଣୀ ମା' କୋଳରେ ପାଦ ଥାପିଲା ସମାଜ ଓ ସଭ୍ୟତାଠୁ ଯୋଜନ ଯୋଜନ ଦୂରରେ ଥିଲା । ଜନ୍ତୁଜୁନ୍ତାଙ୍କୁ ଶିକାର କରି ସେମାନଙ୍କ କଂଚାମାଂସ ଆହାର କରୁଥିଲା । ଛାଲ ଚମଡା ପରିଧାନ କରୁଥିଲା । ପରବର୍ତ୍ତୀ କାଳରେ ପଥରରେ ପଥର ଖସି ରଗଡି ନିଆଁ ବାହାର କରିବା ଶିଖିଲା ଏବଂ ସେଥିରେ ମାଂସ ଶିଝେଇ ଖାଇଲା । ସେ ଗୁମ୍ଫାରେ ରହୁଥିଲା। ମା ବୁଝାଇ କହିଲେ ।

-ଆଚ୍ଛା ମା', ଗୁରୁଜୀ କହୁଥିଲେ ସେମାନଙ୍କର କୁଆଡେ ଲାଂଜ ଥିଲା । ଏକଥା କଣ ସତ ?

-ହଁ , ମୁଁ ବି ସେକଥା କାନ ଉଠିଲା ଦିନୁ ଶୁଣିଚି ।

-ସେମାନେ ତ ଆମର ପୂର୍ବପୁରୁଷ ଥିଲେ, ହେଲେ ଆମର କାଇଁକି ଲାଂଜ ନାଇଁ ? ନିତିନ ପଚାରିଲା ।

ବହୁତ ଗୁଡେ କଥା କହୁଚୁ. . . . ମନୁଷ୍ୟ ସଭ୍ୟତା ଯେତିକି ଯେତିକି ଆଗକୁ ବଢିଲା ଶରୀରର ଅନାବଶ୍ୟକ ଚିଜସବୁ ଆମଠୁ ଦୂରେଇ ଗଲା । ମା' ଶୁଣାଇଲେ । ନିତିନ ମା'ର ନଜର ଆଢୁଆଳରେ ରହି ତା' ପଛରେ ହାତ ବୁଲାଇଲା । କାଇଁ କୋଉଠି ତ ଲାଂଜ ନାଇଁ ? ଲାଂଜ ନପାଇ ସେ ଖୁସିରେ କୁରୁଳି ଉଠିଲା । ମା' ଟିକେ ଆଗକୁ ମାଡିଯାଇ କହିଲେ -ଦେଖ ସେ ଆଦିମାନବ। ଏବେ କୋଉଆଡୁ ଆସି ପହଁଚିଗଲାଣି । ସେ ଜହ୍ନମାମୁଁକୁ ଛୁଇଁଦେଲା । ଖାଇବାରେ ମଜା ଆସିଗଲା । ଖିରି ଏକଦମ୍ ଫାଷ୍ଟକ୍ଲାସ । ନିତିନ ଖାଇବାରେ ଭରପୂର ଆନନ୍ଦ ଉପଭୋଗ କଲା । ଭୋଜନ କରିସାରି ଟିକେ ଆରାମ କର ଏବଂ ଘରପାଠ କରି ଜଲଦି ସାରିଦେ । ମା' କହିଲେ ।

ଖୁବ୍ ହାଲିଆ ହୋଇ ନିତିନ ବେଗାବେଗି ନିଦ ମାଉସୀ କୋଳରେ ଗାଢ ନିଦରେ ଆଖିବୁଜି ଶୋଇପଡିଲା । ସୁନେଲି ସପନର ଦୁନିଆରେ ସେ ହଜିଗଲା । ମହାଶୂନ୍ୟରୁ ଓହ୍ଲାଇ ଆସି ସେ ଆଦିମାନବଙ୍କ ନିକଟରେ ପହଁଚିଲା । ସେମାନେ ନିତିନକୁ ଘେରିଗଲେ । ନିତିନ ଆଖି ପୂରେଇ ଦେଖିଲା ସେମାନଙ୍କ ଦେହ ଆଉ ମୁଣ୍ଡରେ ବିରାଟ ଲମ୍ବା ଲମ୍ବା ଆଲୁଳାୟିତ କେଶଗୁଚ୍ଛ ସବୁ ଓହଳିଚି । ସେମାନେ ଜୀବଜନ୍ତୁଙ୍କ ଚମଡା ଆଉ ଗଛର ପତ୍ରଗୁଡିକୁ ଅଂଟାରେ ଓହଳାଇ ପିନ୍ଧିଛନ୍ତି । ନିତିନକୁ ଦେଖି ସେମାନେ ତା' ଉପରେ ଆକ୍ରମଣ କରିବାକୁ ଉଦ୍ୟତ ହେଲେ । ନିତିନ ଯେ ସେମାନଙ୍କ ବିକଶିତ ଦୁନିଆର ସ୍ୱରୂପ ଏକଥା ସେମାନେ ଜାଣିପାରିଲେ ନାଇ ।

ନିତିନ ସେମାନଙ୍କୁ ବୁଝାଇବାକୁ ଚେଷ୍ଟାକଲା, ହେଲେ ପେଟରୁ ଶବ୍ଦ ଆସି ତଂଟିରେ ଲାଖିଗଲା । ନିତିନ ଘାବୁରେଇ ଯାଇ ଚିଲେଇଲା -ମା', ତା ଆଖିଯୋଡିକ ଖୋଲିଗଲା । ଦେହସାରା ଝାଳରେ ଜୁଡୁବୁଡୁ । ମା'ଧାଇଁଆସି ନିତନକୁ କୋଳକୁ ଟାଣିନେଲେ ।

+ଓସ୍କାର ସିଟି, ଲେନ ନଂ-୯ ଲକ୍ଷ୍ମୀସାଗର କେନାଲ ରୋଡ,
ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

## ଫୁଲଟିଏ ମୁହିଁ ଫୁଲଟିଏ...

### ରାମଚନ୍ଦ୍ର ବେହେରା

ଫୁଲଟିଏ ମୁହିଁ ଫୁଲଟିଏ
ବାଡି ବଗିଚାର ପରୀଟିଏ
ମହୁମାଛି ଆସି ଗୀତ ଗାଇଗାଇ
ମୋ ଦେହରୁ ମହୁ ଶୋଷିନିଏ।

ଗଛଟିଏ ମୁହିଁ ଗଛଟିଏ
ବଣ ଜଂଗଲର ହିସାଟିଏ
ଗ୍ରୀଷମ କାଳରେ ରାସ୍ତା ଦୁଇ ଧାରେ
ବାଟୋଇ ଭାଇଂକୁ ଛାଇଦିଏ।

ପକ୍ଷୀଟିଏ ମୁହିଁ ପକ୍ଷୀଟିଏ
ନୀଳ ଆକାଶରେ ଉଡୁଥାଏ
ମଧୁର ସ୍ୱରରେ ଗୀତ ଗାଇ ମୁହିଁ
ସଭିଂକ ମନକୁ ମୋହିଥାଏ।

ନଦୀଟିଏ ମୁହିଁ ନଦୀଟିଏ
ପଡିଉଠି ମୁହିଁ ବହୁଥାଏ
ମୋ ଜୀବନେ ଯେତେ କଷଣ ଆସଇ
ହସିହସି ମୁହିଁ ସହିଥାଏ।

ଚାଷୀଟିଏ ମୁହିଁ ଚାଷୀଟିଏ
ବିଲରେ ନିଇତି ଖଟିଥାଏ
ସାରା ଦୁନିଆଁକୁ ଖାଦ୍ୟ ମୁଁ ଯୋଗାଇ
ଖୁସିରେ ଜୀବନ କାଟିଥାଏ।

ଶିଶୁଟିଏ ମୁହିଁ ଶିଶୁଟିଏ
ମିଠା ସ୍ୱଭାବର ପ୍ରାଣଟିଏ
ମୋ ନିରୀହ ଭାବ ସେନେହ ମମତା
ସଭିଂକୁ ଆନନ୍ଦ ଦେଇଥାଏ।

ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## କଲମ ଅଟେ ସାଥି ...

### ସୁନୀଲ କୁମାର ପ୍ରଧାନ

କଲମ ମୋହର ସାଥିରେ ଭାଇ
ରହିଥାଏ ସଦା ପାଖେ
ଯେଉଁଠି ଯାହା ମନକୁ ଆସଇ
ବସିରହି ସବୁ ଲେଖେ ।

ପରୀକ୍ଷା ସମୟେ ମୋପାଖେ ରୁହେ
କେବେ ସିଏ କଚେରୀରେ
ତାହାରି ମୁନେ କେତେକେତେ କଥା
ସମାଧାନ ହୋଇପାରେ ।

ବେପାରୀ ଚାକିରୀ ସଭିଙ୍କ ପାଖେ
ରହିଥାଏ ସଦା ଆଗେ
ନେତା ହେଉ ମନ୍ତ୍ରୀ ତାଙ୍କ ପକେଟ୍
ତାହାର ଯତନ ଦେଖେ ।

କବିଙ୍କ ସୃଷ୍ଟିକୁ ଶକ୍ତ କରାଏ
ଚାଲେ ସେହି ଅବିରତ
କେବେ ଭାଇ ସେ ଥକି ଯାଇ ନାହିଁ
ସବୁବେଳେ କାର୍ଯ୍ୟରତ ।

କଲମ ଆମର ସାଥିରେ ଭାଇ
କଲମ ଆମର ସାଥି
ଚାଟଙ୍କ ପାଇଁ ଉତ୍ତମ ସାଥିଟେ
ପଢ଼ାରେ ଦେବରେ ମତି ।

+ଝାଟିପଦର, ପାଲୁର , ଗଂଜାମ
ମୋ - ୭୬୦୯୯୩୪୩୬୬

## ଆସ ପଢିବା ପାଠ

### ଧ୍ରୁବ ଚରଣ ବେହେରା

ପାଠ ପଢିବା ଦେଶ ଗଢିବା
ଆସ ଭଉଣୀ ଭାଇ
ବିଦ୍ୟା ଅଟଇ ଅମୂଲ୍ୟ ରତ୍ନ
କଥାଟି ଭୁଲ ନାହିଁ ।
ପଢିଲେ ପାଠ ହେବାଟି ଚାଟ
ଶିଖିବା କେତେ କଥା
ହେବା ସାହାବ, ଯନ୍ତ୍ରୀ, ଶିକ୍ଷକ
ରଖି ଗୌରବ ଗାଥା ।
ପାଠ ଦେଖାଏ ସୁନ୍ଦର ପଥ
ଗଢଇ ଜ୍ଞାନୀ କରି
ମଧୁର କଥା ଭଲ ସଂସ୍କାର
ମନେ ଦିଅଇ ଭରି ।
ହେବାନି ଦୃଷ୍ଟ ନକରି ମଠ
ସମୟ ମୂଲ୍ୟବାନ୍
ଉଚିତ୍ ଶିକ୍ଷା ପାଇଲେ ଆମେ
ଜୀବନ ହେବ ଧନ୍ୟ ।
ଶିକ୍ଷାକୁ ଜଦି କର ଆଦର
ଆସ ପଢିବା ପାଠ
ପଢିଲେ ପାଠ ହେବା କର୍ମଠ
କରନି ଆଉ ମଠ ।
ସୁନ୍ଦର ଆମ ଜନମ ଭୂଇଁ
କେଡେ ସୁନ୍ଦର ଧରା
ଗଢିବା ତାକୁ ଜ୍ଞାନ ବଳରେ
ଦିଶିବ ସଦା ତୋରା ।
ଭାରତୀୟ ସାମରିକ ସେବା ।

+ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ଅସନା

### ଅନନ୍ତ କୁମାର ସେନାପତି

କହିଦେଲେ କେବେ ଅସନା କଥା,
ସବୁରି ମନରେ ଲାଗଇ ବ୍ୟଥା ।
ଘର ଚାରିପାଖେ କଲେ ଅସନା,
ବଂଶ ବୃଦ୍ଧି କରେ ଜୀବାଣୁ ନାନା ।
ଭଲ ଲାଗେ ନାହିଁ ଅସନା କାମ,
ପରିଷ୍କାର ଥିଲେ ବିଭୁଙ୍କ ପ୍ରେମ ।
ଲୁଗା ତ ଅସନା ପିନ୍ଧିବା ନାହିଁ,
କାଛୁ କୁଣ୍ଡିଆଙ୍କୁ ଦେବା ଦୂରେଇ ।
ବାଟଟା ଅସନା ଖରାପ ଲାଗେ,
ସାପ, ବିଛା ଭୟ ମନରେ ଜାଗେ ।
ପିଅ ନାହିଁ କେବେ ଅସନା ପାଣି,
ସେ ପାଣିରେ ଥାଏ ରୋଗର ଖଣି ।
ଅସନାକୁ ଆମେ ଦୂରେଇ ଦେବା,
ସଫା ସୁତୁରାକୁ ଆଗେଇ ନେବା ।

ବାଣ୍ଟୁପଡା, ରେଲୱେ ସାଇଡିଙ୍ଗ,
ରାଜଗାଙ୍ଗପୁର
ସୁନ୍ଦରଗଡ଼-୭୭୦୦୧୭
ମୋ: ୭୦୦୮୩୦୪୨୨୫

# ନାରୀଶକ୍ତିର ପ୍ରତୀକ ଓ ପ୍ରେରଣାଦାୟୀ ସାବିତ୍ରୀ, ଗୌରେଶ୍ୱରୀ ଓ କୁନ୍ଦ



ଜୟପୁର, ୦୮/୩ (ନି.ପ୍ର): ଆଜିର ପୁରୁଷପ୍ରଧାନ ସମାଜରେ ଅନେକ ମହିଳା ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ସେହି ଭଳି କିଛି ସଫଳ ମହିଳାଙ୍କ ସଂଘର୍ଷପୂର୍ଣ୍ଣ ଜୀବନ ଓ କୃତିତ୍ୱ ସମ୍ପର୍କରେ ଗଣମାଧ୍ୟମରେ ସ୍ୱତନ୍ତ୍ର ଉପସ୍ଥାପନା ଜୀବନଯୁଦ୍ଧର ଯୋଦ୍ଧା ସାଜି ଏବେ ମହିଳାଙ୍କ ପ୍ରେରଣା ସାଜିଥିବା ସ୍ୱୟଂସିଦ୍ଧା ମହିଳାଙ୍କ ମଧ୍ୟରେ ସାବିତ୍ରୀ ଗାଧବା ଅନ୍ୟତମ। ସାବିତ୍ରୀ ଜୟପୁର ବ୍ଲକ କଙ୍ଗା ପଞ୍ଚାୟତରେ ଓଡ଼ିଶା ଜୀବିକା ମିସନରେ ଜଣେ ଏମବିକେ (ମାଷ୍ଟର ବୁକ କିପର ଭାବେ ବ୍ୟାଙ୍କ ମିତ୍ର)ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସାବିତ୍ରୀ ଏମବିକେ ହେବା ପୂର୍ବରୁ ତାଙ୍କର ଅନେକ ଇତିହାସ ରହିଛି ଯାହାକି ପ୍ରତି ଯୁବତୀ ଓ ମହିଳାଙ୍କୁ ପ୍ରେରଣାଦାୟୀ ହୋଇପାରିବ। କୋରାପୁଟ ଜିଲ୍ଲା ଜୟପୁର ବ୍ଲକରେ ୨୦୧୨ମସିହାରୁ ୨୦୧୭ମସିହା ଯାଏଁ ଶାସକ ବିଜୁ ଜନତା ଦଳର ଜିଲ୍ଲା ପରିଷଦ ସଦସ୍ୟ ରହିଥିଲେ ସାବିତ୍ରୀ। ୮ଟି ପଞ୍ଚାୟତକୁ ନେଇ ରହିଥିବା ଗୋଟିଏ ଜିଲ୍ଲା ପରିଷଦ ଜୋନରେ ସେ କାମ କରୁଥିଲେ। ଏହି ୫ବର୍ଷ ଧରି ଲୋକଙ୍କ ସମସ୍ୟା ସମାଧାନ ପାଇଁ କୋରାପୁଟ ଜିଲ୍ଲା ପ୍ରଶାସନ ନିକଟରେ ସ୍ୱର୍ ପାଲଟିଥିଲେ। ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଶାସକ ବିଜେଡି ପକ୍ଷରୁ ଆଉ ସାବିତ୍ରୀଙ୍କୁ ଟିକେଟ ନ ଦେବାରୁ ସେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇ ନିର୍ବାଚନ ଲଢ଼ି ହାରିଯାଇଥିଲେ। କିନ୍ତୁ ସେ ଯେଉଁ ଲକ୍ଷ୍ୟ ରଖିଥିଲେ ଲୋକଙ୍କ ସେବା କରିବେ ତାହାକୁ ବଜାୟ ରଖିଛନ୍ତି। ବର୍ତ୍ତମାନର ରାଜନୈତିକ ଗୋଲକ ଧନ୍ଦାରେ ଫଶି ସେ ନାନା ଅପବାଦ ଶୁଣି ଦୀର୍ଘ ଦଶ ବର୍ଷ ଜୀବନ ଜିଇଁଛନ୍ତି। ଜଣେ ଆଦିବାସୀ ଝିଅ ହୋଇ ଲୋକଙ୍କ ସେବାରେ ବ୍ରତୀ ହୋଇ ଆଉ ବାହା ହୋଇପାରି ନାହାନ୍ତି ସାବିତ୍ରୀ। ଗତ କିଛି ବର୍ଷ ହେବ ମା'ଆ ବାପାଙ୍କ ମୃତ୍ୟୁ ପରେ ଭାଇଙ୍କ ଘରେ ରହି ଅଂଚଳର ମହିଳାଙ୍କୁ ସେବା ଯୋଗାଇ ମହିଳା ସ୍ୱୟଂ ସହାୟକ ଦଳ ଗୁଡିକୁ ସଶକ୍ତ କରି ଆସୁଛନ୍ତି। ଯୁବତୀ ଓ ମହିଳାଙ୍କୁ ଯାହା ବି ଘାତ ପ୍ରତିଘାତ ଓ ନିନ୍ଦା ଅପବାଦ ଆସୁଚି ତାକୁ ଛାଡି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ କାର୍ଯ୍ୟ କର ବୋଲି ପରାମର୍ଶ ଦେଇଛନ୍ତି ସାବିତ୍ରୀ।

ସେହିପରି ଏହି ମହିଳା ଜଣକ ହେଉଛନ୍ତି ଜୟପୁର ସହର ପାଣିନଳା ସାହିର ଗୌରେଶ୍ୱରୀ ମିଶ୍ର। ଜଣେ ଗୃହିଣୀ ଥିଲେ। ହେଲେ ଏମିତି ଏକ ପରିସ୍ଥିତି ଓ ଚାଲେଞ୍ଜ ଆସିବା ପରେ ୨୦୦୮ ମସିହାରେ ନିଜେ ନାଡି, ମୁଡୁକି, ମିକ୍ସ୍ଚର୍, ବାଦାମ ପକୋଡ଼ା, ଲଡୁ ତିଆରି କରି ବିକ୍ରି କଲେ। ଧିରେ ଧିରେ ଘରୋଇ ମହିଳାଙ୍କୁ ଏକଜୁଟ କରି ନିଜ ବ୍ୟବସାୟରେ ସାମିଲ କରିଛନ୍ତି। ଆଜି ୨୨ଜଣ ମହିଳାଙ୍କୁ ଏକତ୍ରିତ କରି ବ୍ୟବସାୟକୁ ବଢ଼ାଇ ଚାଲିଛନ୍ତି। ଅବିଭକ୍ତ କୋରାପୁଟ ଜିଲ୍ଲାରେ ବିକ୍ରି କରି ଦୁଇ ପଇସା ଲାଭ କରୁଛନ୍ତି ଗୌରେଶ୍ୱରି। ନିଜେ ଲାଭବାନ ହେବା ସହ ଘରେ ଗୃହିଣୀ ଭାବେ ଥିବା ଅନେକ ମହିଳାଙ୍କୁ ଏବେ ସ୍ୱାବଲମ୍ବି କରେଇ ପାରିଛନ୍ତି।

ଜୟପୁର ବ୍ଲକର ଜାମୁଣ୍ଡା ପଂଚାୟତର ତେଲିଆ ଗାଁର ଆଦିବାସୀ ଝିଅ କୁନ୍ଦ ମାଝୀ। ବାପା ନିଳକଣ୍ଠ ମାଝୀ ଚାଷ କରିବା ସହ ଦିନ ମଜୁରିଆ। ୨୦୧୩-୧୪ମସିହାରେ ଦଶମ ପାସ୍ କରିବା ପର ଠାରୁ କୁନ୍ଦ ମାର୍ଶଲ ଆର୍ଟ ଶିଖିବା ଆରମ୍ଭ କରିଥିଲେ। ଏହା ସହ ସେ ଲଗାଥାର ଭାବେ ରାଜ୍ୟ, ସର୍ବଭାରତୀୟ , ଆର୍ନ୍ତଜାତୀୟ ପ୍ରତିଯୋଗିତାରେ ଜାମ୍ମୁ ଓକାଶ୍ମୀର , ଗୋଆ, ପାରାଦୀପ, ବିଶାଖାପାଟଣା, ଆସାମ ଆଦିରେ ହୋଇଥିବା ବିଭିନ୍ନ ରାଜ୍ୟ,ଜାତୀୟ ଓଅର୍ନ୍ତଜାତୀୟ ପ୍ରତିଯୋଗିତାରେ କୁନ୍ଦ ରୌପ୍ୟ, ବ୍ରୋଂଜ ଓସ୍ୱର୍ଣ୍ଣ ପଦକ ପାଇଛନ୍ତି। ନିଜେ ମାର୍ଶଲ ଆର୍ଟରେ କ୍ରୀଡାବିତ୍ ହେବା ସହ ନିଜ ପରିବାରର ଭଉଣୀ ଓ ଭାଇକୁ ମଧ୍ୟ ଏଦିଗରେ ପ୍ରସାହିତ କରିଛନ୍ତି କୁନ୍ଦ। କେଜିଭିବି ସ୍କୁଲରେ ୱାର୍ଡେନ୍ ଭାବେ କାମ କରୁଛନ୍ତି। ଜିଲ୍ଲାର କେଜିଭିବି ସ୍କୁଲର ଛାତ୍ରୀ ମାନଙ୍କୁ ମାର୍ଶଲ ଆର୍ଟ ସହ ବିଭିନ୍ନ କ୍ରୀଡାକୁଦରେ ଭାଗ ନେବାକୁ ପ୍ରସାହିତ କରୁଛନ୍ତି କୁନ୍ଦ।

# ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ

ବଲାଙ୍ଗୀର, ୦୮/୩ (ନି.ପ୍ର): ୨୦୨୪ ନିର୍ବାଚନ ପରେ ଗଠିତ ବଲାଙ୍ଗିର ନାଗରିକ କମିଟିର କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକ ସ୍ଥାନୀୟ ରେଳ ଉପଭୋକ୍ତା ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠାନର ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗୀରର ଉନ୍ନତି କଳ୍ପେ ନାଗରିକ କମିଟିର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଯୋଜନାବଦ୍ଧ ଭାବରେ କାର୍ଯ୍ୟକାରି କମିଟିର ଜଣେ ଲେଖାଏଁ ସଦସ୍ୟଙ୍କ ତତ୍ୱାବଧାନରେ ସମସ୍ତ ସଦସ୍ୟଙ୍କୁ ନେଇ ୨୦ ଜଣିଆ ୧୦ଟି ଦଳ ଗଠନ କରିବାକୁ ସିଦ୍ଧାନ୍ତ ନିଆଯାଇଥିଲା। ପୁଣି ବିଭିନ୍ନ ସମସ୍ୟା ଉପରେ ସମାଧାନ ଆଣିବା ତଥା ଗଠନମୂଳକ କାର୍ଯ୍ୟ କରିବା ପାଇଁ କାର୍ଯ୍ୟକାରି କମିଟିର ସଦସ୍ୟମାନଙ୍କ କର୍ତ୍ତୃତ୍ୱରେ ୧୪ଟି ସବ୍ କମିଟି ଗଠନର ନିଷ୍ପତି ନିଆଯାଇଥିଲା। ନିର୍ଦ୍ଧାରଣ କରାଯାଇଥିଲା ଯେ ପ୍ରତ୍ୟେକ ସବ କମିଟିରେ କନଭେନରମାନେ ଅନ୍ୟୁନ ୪ଜଣ ସଦସ୍ୟ ଗ୍ରହଣ କରିବେ। ପରିବେଶ ସୁରକ୍ଷା, ନିଶା ନିବାରଣ, ବୃକ୍ଷ ରୋପଣ ଇତ୍ୟାଦି ଉପରେ ଗୁରୁତ୍ୱରୋପ କରିବା ପୂର୍ବକ ପରବର୍ତି ସମୟରେ ଏହା ଉପରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଯେଉଁ ସଦସ୍ୟମାନେ ବାର୍ଷିକ ଦେୟ ପଇଠ ନକରି ସଭ୍ୟପଦରୁ ବଂଚିତ ହୋଇଛନ୍ତି ନିର୍ଦ୍ଧାରିତ ଫି ପଇଠ କରି ୩୧.୦୩.୨୦୨୪ ସୁଦ୍ଧା ସେମାନଙ୍କ ସଭ୍ୟପଦ ନବିକରଣ କରିପାରିବେ ବୋଲି ଏହି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଥିଲା। ଏହା ପରେ କାର୍ଯ୍ୟକାରି କମିଟି ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କୁ ସାକ୍ଷାତ କରିଥିଲେ। ବଲାଙ୍ଗୀର ଉନ୍ନତି କଳ୍ପେ ନାଗରିକ କମିଟି କରିଆସିଥିବା ଓ କରିବାକୁ ଥିବା ବିଭିନ୍ନ ଗଠନମୂଳକ କାର୍ଯ୍ୟ ସମ୍ପର୍କରେ କାର୍ଯ୍ୟକାରି କମିଟି ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ନାଗରିକ କମିଟି ତଥା କାର୍ଯ୍ୟକାରି କମିଟିରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ରହିଥିବାର ଜାଣି ଜିଲ୍ଲାପାଳ ଆନନ୍ଦବ୍ୟକ୍ତ କରିଥିଲେ ଓ ଆବଶ୍ୟକ ସ୍ଥଳେ ସହଯୋଗ କରିବା ପାଇଁ ନିଜ ତରଫରୁ ଘୋଷଣା କରିଥିଲେ। ଉଭୟ କାର୍ଯ୍ୟକ୍ରମରେ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ସମେତ, ଉପ-ସଭାପତି ନିତ୍ୟାନନ୍ଦ ମିଶ୍ର, ସଂପାଦକ ମଧୁ ସୁଦନ ନାୟକ, ଯୁଗ୍ମ ସଂପାଦକ ସୁନିଲ ଚନ୍ଦ୍ର ବିଶ୍ୱାଲ, କୋଷାଧକ୍ଷ ଗଜେନ୍ଦ୍ର ତ୍ରିଭୁନଦାଶ ଭମର, କାର୍ଯ୍ୟକାରୀ କମିଟିର ସଦସ୍ୟ ଶରତ କୁମାର ମହାକୁର, ପ୍ରଦିପ ସାହୁ, ଋତୁରାଜ ସିଂ, ବିନୟ କୁମାର ମିଶ୍ର, ପ୍ରଫେସର ତରୁଣ କୁମାର ମିଶ୍ର, ଗୋପବନ୍ଧୁ ପୁରୋହିତ, ଡ. ପ୍ରମୋଦ କୁମାର ମିଶ୍ର, ବିନୋଦ ବିହାରୀ ପାଣିଗ୍ରାହୀ, ଗୌରଚନ୍ଦ୍ର ପୁରୋହିତ, ଧର୍ମବ୍ରତ ରଥ ଓ ନରେନ୍ଦ୍ର କୁମାର ଆଚାର୍ଯ୍ୟ ଉପସ୍ଥିତ ରହିଥିଲେ ।

# ମଲମୁଣ୍ଡାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଆର୍ଥିକ ସହାୟତା ବଂଟନ ଶିବିର

ବଲାଙ୍ଗିର, ୦୮/୩ (ନି.ପ୍ର): ପୁଇଁତଲା ବ୍ଲକ ଅଧିନସ୍ଥ ମଲମୁଣ୍ଡା କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓଡିଶା କୋଠାବାଡି ନିର୍ମାଣ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ହିତାଧିକାରୀ ଶ୍ରମିକ ଏବଂ ଉତରାଧିକାରୀ ପରିବାର ସଦସ୍ୟ ମାନଙ୍କୁ ବିବାହ ସହାୟତା ବାବଦରେ ୧୨୫ ଜଣ ନିର୍ମାଣ ଶ୍ରମିକ ମାନଙ୍କୁ ୬୨ ଲକ୍ଷ ୫୦ ହଜାର, ମୃତ୍ୟୁକାଳୀନ ସହାୟତା ବାବଦରେ ୨୭ ଜଣ ନିର୍ମାଣ ଶ୍ରମିକଙ୍କୁ ୫୩ ଲକ୍ଷ, ୩୩ ଜଣ ନିର୍ମାଣ ଶ୍ରମିକଙ୍କ ପୁଅ ଝିଅର ଉଚ୍ଚ ଶିକ୍ଷା ସହାୟତା ପାଇଁ ୨ ଲକ୍ଷ ୫୭ ହଜାର ଟଙ୍କା, ୨୦ ଜଣ ନିର୍ମାଣ ଶ୍ରମିକଙ୍କ ଶୁଦ୍ଧକ୍ରିୟା ପାଇଁ ୧ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୨୦୫ ଜଣ ଶ୍ରମିକ ମାନଙ୍କୁ ୧ କୋଟି ୧୯ ଲକ୍ଷ ୭ ହଜାର ୬ ଶହ ଟଙ୍କା ଚେକ ଆକାରରେ ପ୍ରଦାନ କରାଯାଇଥିଲା। ଏହା ସହିତ ୩୦୦ ଜଣ ନୂତନ ନିର୍ମାଣ ଶ୍ରମିକ ମାନଙ୍କୁ ପରିଚୟ ପତ୍ର ବଂଟନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଓଡିଶା ସରକାରଙ୍କ ଶ୍ରମିକ କଲ୍ୟାଣ ଯୋଜନା, ନବୀନ ଓଡିଶା ନିର୍ମାଣ ଦିଗରେ ଶ୍ରମିକ ମାନଙ୍କ ଦାୟିତ୍ୱ କର୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଟ୍ରେଡ୍ ୟୁନିୟନ ମାଧ୍ୟମରେ ସଙ୍ଗଠିତ ଶ୍ରମିକ ଏବଂ ଅଣ ସଙ୍ଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କ ସାମାଜିକ ସୁରକ୍ଷା ଏବଂ ଏକତା ବିଷୟରେ ବର୍ଣନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ କୁମର ମଣି ସେଠ, ମଲମୁଣ୍ଡା ସରପଂଚ ବିଷ୍ଣୁ ପ୍ରସାଦ ପଟେଲ, ଶ୍ରମିକ ନେତା ଶମ୍ଭୁ ନାଗ ଯୋଗ ଦେଇଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ସଭା ସଂଯୋଜନା କରିଥିଲେ। ସହ ଶ୍ରମ ଅଧିକାରୀ ମାନେ ସହଯୋଗ କରିଥିଲେ।

# ରାଜସ୍ୱ ସଂଗ୍ରହରେ ଓଡ଼ିଶାର ରେକର୍ଡ: ଫେବୃଆରି ସୁଦ୍ଧା ସାମଗ୍ରିକ ଭାବେ ୨୩% ବୃଦ୍ଧି



ଭୁବନେଶ୍ୱର, ୦୮/୩ (ନି.ପ୍ର): ରାଜ୍ୟ ସରକାରଙ୍କ ରାଜସ୍ୱ ସଂଗ୍ରହ ବଢ଼ିଛି। ଗତବର୍ଷ ଅପେକ୍ଷା ଏଥର ଫେବୃଆରି ମାସ ସୁଦ୍ଧା ସାମଗ୍ରିକ ଭାବେ ୨୩ ପ୍ରତିଶତ ରାଜସ୍ୱ ବୃଦ୍ଧି ପାଇଛି। ଅନ୍ତର୍ଜାତୀୟ ସ୍ତରରେ ଖଣି କାରବାରରେ ମାନ୍ଦାବସ୍ଥା ସତ୍ତ୍ୱେ ଗତବର୍ଷ ଅପେକ୍ଷା ଖଣି ରାଜସ୍ୱରେ ପ୍ରାୟ ୧୫ ପ୍ରତିଶତ ବୃଦ୍ଧି ହୋଇଛି। ଜମିଜମା ରାଜସ୍ୱରେ ସର୍ବାଧିକ ବୃଦ୍ଧି ଘଟିଛି। ଗତବର୍ଷ ଅପେକ୍ଷା ଏଥର ୭୨ ପ୍ରତିଶତ ବଢିଛି। ନିଜସ୍ୱ ଟିକସ ଓ ଅଣ ଟିକସ ଉତ୍ସରୁ ମଧ ରାଜସ୍ୱ ସଂଗ୍ରହ ବୃଦ୍ଧି ହେବା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିଛି। ରାଜସ୍ୱ ବଳକା ରାଜ୍ୟ ଭାବେ ପରିଚିତ ଓଡିଶା ଆର୍ଥିକ ପରିଚାଳନାରେ ମଧ ସାରା ଦେଶ ପାଇଁ ମଡେଲ ସାଜିଛି। ଗତବର୍ଷ ୭୮,୮୩୪.୪୮ କୋଟି ଟଙ୍କା ସଂଗ୍ରହ ହୋଇଥିବା ବେଳେ ଫେବୃଆରି୨୦୨୪ ଶେଷ ପର୍ଯ୍ୟନ୍ତ ରାଜ୍ୟ ସରକାର ୯୪,୦୦୩.୧୫ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ରାଜ୍ୟର ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ମଧ ୧୮.୬୬ ପ୍ରତିଶତ ଅଭିବୃଦ୍ଧି ରେକର୍ଡ କରିଛି। ଗତମାସ ଶେଷ ପର୍ଯ୍ୟନ୍ତ ମୋଟ ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହ ୪୭,୮୮୪.୩୬ କୋଟି ଟଙ୍କା ହୋଇଥିବାବେଳେ ଗତବର୍ଷ ୪୦,୩୫୫.୮୫ କୋଟି ଟଙ୍କା ସଂଗ୍ରହ କରିଛି। ଏପ୍ରିଲ୍ ୨୦୨୩ରୁ ଫେବୃଆରି ୨୦୨୪ ମଧ୍ୟରେ ରାଜ୍ୟରେ ଜିଏସଟି ଜମି ରାଜସ୍ୱ, ଯାନବାହନ ଟ୍ୟାକ୍ସ ଏବଂ ବିଦ୍ୟୁତ୍ ଶୁଳ୍କ ସଂଗ୍ରହରେ ବୃଦ୍ଧି ହେତୁ ନିଜସ୍ୱ ଟିକସ ରାଜସ୍ୱ ସଂଗ୍ରହରେ ଅଭିବୃଦ୍ଧି ଘଟିଛି।

# ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଏକ ଦିବସୀୟ କର୍ମଶାଳା ଆୟୋଜିତ

ବଲାଙ୍ଗିର, ୦୮/୩ (ନି.ପ୍ର): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ର ମିଳିତ ଆନୁକୂଲ୍ୟରେ ଗଣମାଧ୍ୟମ ପ୍ରତିନିଧିଙ୍କ ନିମନ୍ତେ ଏକ ଦିବସୀୟ କର୍ମଶାଳା ଜିଲ୍ଲାପାଳଙ୍କ ପୁରୁଣା ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ ) ସଚିଦାନନ୍ଦ ମିଶ୍ର, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଲକ୍ଷ୍ମୀ ସିଂ, ପୂର୍ବତନ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି , ଆଇନ ଅଧିକାରୀ ଦିଗାମ୍ବର କର ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଗଣମାଧ୍ୟମ କର୍ମଚାରୀଙ୍କ ପାଇଁ ଶିଶୁ ସୁରକ୍ଷା ସହ ଜଡିତ ସମସ୍ୟାଗୁଡିକ ଉପରେ ରିପୋର୍ଟ କରିବାରେ ସେମାନଙ୍କର ଜ୍ଞାନ ଏବଂ କୌଶଳକୁ ଗଭୀର କରିବା ପାଇଁ ଏକ ପ୍ରମୁଖ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିବା ଓ ସେମାନଙ୍କ କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସହାୟକ ହେବ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଚିଦାନନ୍ଦ ମିଶ୍ର ମତ ପ୍ରକାଶ କରିଥିଲେ । ଆବଶ୍ୟକୀୟ ସାଧନ ଏବଂ ଅନ୍ତର୍ନିହିତ ସୂଚନା ସହିତ ଶିଶୁମାନଙ୍କ ସହିତ ଜଡିତ କାହାଣୀକୁ ସମ୍ବେଦନଶୀଳ ଭାବରେ ଆବୃତି କରିବା ସହିତ ନୈତିକ ମାନଦଣ୍ଡକୁ ସମର୍ଥନ କରିବା ଏବଂ ସେମାନଙ୍କର ଗୋପନୀୟତା ଏବଂ ସମ୍ମାନର ଅଧିକାରକୁ ସମ୍ମାନ ଦେବା ଭଳି ବିଷୟ ଉପରେ ଆଲୋଚନା କରିଥିଲେ ସମ୍ମାନିତ ଅତିଥି ଯୋଗେଶ୍ୱର ମହାନ୍ତି। ଶିଶୁମାନଙ୍କର ଅଧିକାର ରକ୍ଷା କରିବାରେ ଗଣମାଧ୍ୟମ, ସରକାରୀ ଏଜେନ୍ସି ଏବଂ ନାଗରିକ ସମାଜ ମଧ୍ୟରେ ମିଳିତ ଆଭିମୁଖ୍ୟକୁ ସୁନିଶ୍ଚିତ କରିବା ଉପରେ ପ୍ରଶିକ୍ଷଣରେ ବିସ୍ତୃତ ଭାବେରେ ବୁଝାଇ ଥିଲେ। ତତ୍ ସହିତ ଶିଶୁ ନିର୍ଯାତନା, ଶୋଷଣ ଏବଂ ଅବହେଳା ଭଳି ପ୍ରସଙ୍ଗରେ ଆଲୋକିତ କରିବାରେ ଦାୟିତ୍ୱପୂର୍ଣ୍ଣ ସାମ୍ବାଦିକତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀମତି ଲକ୍ଷ୍ମୀ ସିଂ। କର୍ମଶାଳା ଏବଂ ଇଣ୍ଟରାକ୍ଟିଭ୍ ଅଧିବେଶନ ଅଂଶଗ୍ରହଣକାରୀମାନଙ୍କୁ ସକ୍ରିୟ ଭାବରେ ଜଡିତ ହୋଇ ଏକ ପ୍ରଭାବଶାଳୀ ସମାଧାନର ରଣନୀତି କରିବାକୁ ସହଯୋଗୀ ପରିବେଶ ସୃଷ୍ଟି କରିଥିଲା। ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମାପ୍ତ ହେବାପରେ ଅଂଶଗ୍ରହଣକାରୀ ମାନେ ନିଜ ନିଜ କ୍ଷେତ୍ରରେ ପ୍ରାପ୍ତ ଜ୍ଞାନକୁ ପ୍ରୟୋଗ କରିବାକୁ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ଆଦିବାସୀ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାରୁ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର କୃତଜ୍ଞତା

ବଲାଙ୍ଗୀର, ୦୮/୩ (ନି.ପ୍ର): ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ କରକମଳରେ ୧୦୦ କୋଟି ଟଙ୍କା ବ୍ୟୟ ରେ ଭୁବନେଶ୍ୱର ଗୋଠ ପାଟଣା ଠାରେ ଌଆଦିବାସୀ ଭବନଌ ର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିବାରୁ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ, ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ ଧନ୍ୟବାଦ ଦିଆଯାଅଛି । ଏହି ସଂଗଠନ ମାନଙ୍କ ପକ୍ଷରୁ କୁହା ଯାଇଛି ଯେ ଓଡିଶା ରାଜ୍ୟରେ ୬୨ ଟି ଆଦିବାସୀ ସମ୍ପ୍ରଦାୟ ବସବାସ କରୁଛନ୍ତି । ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଶବର, ସହରା, ସଉରା, ସଅର, କନ୍ଧ, ସାନ୍ତାଳ, ମୁଣ୍ଡା, ଗଣ୍ଡ, ଓରାମ, ହୋ, ପରଜା, ଭୂୟାଁ,କୋଲ୍‌ହ, ଭତ୍ରା, କିସାନ, ଭୂମିଜ,ବଗତକ୍ଷ, ବାଥୁଡି, ବିଂଝାଲ, ଦଳ, ମିର୍ଦ୍ଧା, କୁଡା,ଜଟାପୁ, ଯୁଆଙ୍ଗ,ମାଟିଆ, ମୁଣ୍ଡାରୀ,ପେଣ୍ଟିଆ,ନାଗାସିଆ, କୋଲ,ଲୋଧା, ଦୁରୁଆ ଅନ୍ୟତମ । ଆଦିବାସୀ ଜନସଂଖ୍ୟା ଏକ କୋଟି ରୁ ଅଧିକ । ଓଡିଶା ରାଜ୍ୟର ୩୦ ଟି ଜିଲ୍ଲା ରୁ ଆଦିବାସୀ ଛାତ୍ରଛାତ୍ରୀ, ତୀର୍ଥଯାତ୍ରୀ, ଭୁବନେଶ୍ୱର, କଟକ, ପୁରୀ କୁ ବିଭିନ୍ନ କାର୍ଯ୍ୟ ରେ ଆସୁଛନ୍ତି । ରହିବା ପାଇଁ ବହୁତ ଅସୁବିଧା ର ସମ୍ମୁଖୀନ ହେଉଥିଲେ କ୍ଷ ସେଥିପାଇଁ ଭୁବନେଶ୍ୱର ରେ ଏକ ଆଦିବାସୀ ଭବନଌ ନିର୍ମାଣ ପାଇଁ ୬ ଜାନୁୟାରୀ ୨୦୨୪ ରେ ୩୦ ଟି ଜିଲ୍ଲା ର ଆଦିବାସୀ ସମ୍ପ୍ରଦାୟ ତରଫରୁ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ର କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ ଆବେଦନ କରିଥିଲେ । ଭୁବନେଶ୍ୱର ରେ ୧୦୦ କୋଟି ଟଙ୍କା ବ୍ୟୟ ରେ ଆଦିବାସୀ ଭବନଌ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତକାଲି ଭିତ୍ତିପ୍ରସ୍ଥର ସ୍ଥାପନ କରିଥିବାରୁ ଓଡିଶା ର ଆଦିବାସୀ ମାନଙ୍କ ମଧ୍ୟରେ ଆନନ୍ଦ ର ଲହରୀ ଖେଳିଯାଇଛି । ଆଦିବାସୀ ସମ୍ପ୍ରଦାୟ ଖୁସି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଙ୍କ ମହତ କାର୍ଯ୍ୟ କୁ ପ୍ରଶଂସା କରିବା ପୂର୍ବକ କୃତଜ୍ଞତା ଜଣାଇଛନ୍ତି । ଏହା ଭାରତ ବର୍ଷ ଇତିହାସ ପ୍ରଥମ ଘଟଣା ବୋଲି ଆଦିବାସୀ ମାନେ କହିଛନ୍ତି ।

## ଜିଲ୍ଲାର ୨୬ ଜଣଙ୍କୁ ପଂଚାୟତ ନିର୍ବାହୀ ଅଧିକାରୀ ନିଯୁକ୍ତି ପତ୍ର ପ୍ରଦାନ କଲେ ଜିଲ୍ଲାପାଳ

ସୁବର୍ଣ୍ଣପୁର, ୦୮/୩ (ନି.ପ୍ର): ଓଡିଶା ଅଧସ୍ଥନ କର୍ମଚାରୀ ଚୟନ ଆୟୋଗଙ୍କ ଆଦେଶ ସଂଖ୍ୟା ୨୧୨, ତା ୨୭/୦୨/୨୪ ରିଖରେ ସୁବର୍ଣ୍ଣପୁର ଜିଲ୍ଲାର ପଂଚାୟତି ରାଜ ବିଭାଗ ଅଧୀନସ୍ଥ ବିଭିନ୍ନ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ରେ ଖାଲିଥିବା ପଂଚାୟତ ନିର୍ବାହୀ ଅଧିକାରୀ ପଦବୀ ନିମନ୍ତେ ୨୬ ଜଣଙ୍କୁ ନିଯୁକ୍ତି ନିମନ୍ତେ ଚୟନ କରିଛନ୍ତି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଉପରୋକ୍ତ ଚୟନ ହୋଇଥିବା ନବ ନିଯୁକ୍ତ ୨୬ ଜଣଙ୍କୁ ଆଜି କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ନିଯୁକ୍ତିପତ୍ର ପ୍ରଦାନ କରି ସମସ୍ତ ନବନିଯୁକ୍ତଙ୍କ ଶୁଭ କାମନା କରିଛନ୍ତି। ସମସ୍ତ ନବ ନିଯୁକ୍ତ ନିଜ ନିଜର କର୍ମ କ୍ଷେତ୍ରରେ ସାଧୁତା ସହ ସ୍ୱଚ୍ଛତା ଅବଲମ୍ବନ ପୂର୍ବକ କର୍ତବ୍ୟନିଷ୍ଠ ଭାବେ ଜନସାଧାରଣ ତଥା ସମାଜର ସେବା କରିବାକୁ ପରାମର୍ଶ ଦେଇଛନ୍ତି। ଏହି ନିଯୁକ୍ତି ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ଜିଲ୍ଲା ପଂଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ବିଭାଗୀୟ ବରିଷ୍ଠ ସହାୟକ ସୂର୍ଯ୍ୟନାରାୟଣ ପୁରୋହିତ ପ୍ରମୁଖ ଉପସ୍ଥିତ ରହି ନବ ନିଯୁକ୍ତ ଅଧିକାରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଚିତ୍ରକୋଣ୍ଡା ଖେଳ ପଡିଆଠାରେ ସହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ବିଶାଳ ଜନ ସମାବେଶ

ମାଲକାନଗିରି, ୦୮/୩ (ନି.ପ୍ର): ମାଲକାନଗିରି ଜିଲ୍ଲା ସହୀଦ୍ ନରସିଂ ଡମ୍ ସମାଜ ତରଫରୁ ଆଦିବାସୀ ମାନ୍ୟତା ନିମନ୍ତେ ବିଶାଳ ଜନ ସମାବେଶ ଚିତ୍ରକୋଣ୍ଡା ବ୍ଲକର ଚିତ୍ରକୋଣ୍ଡା ସଦର ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବହୁ ଆଡମ୍ବର ସହ ଅନୁଷ୍ଠିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମ ଜିଲ୍ଲା ଡମ୍ ସମାଜ ସଭାପତି ଶ୍ରୀ ବଳରାମ ଅନୁଗୁଳିଆଙ୍କ ସଭାପତିତ୍ୱରେ ଚିତ୍ରକୋଣ୍ଡା ବ୍ଲକର ଚିତ୍ରକୋଣ୍ଡା ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଡମ୍ ସମାଜର ବିଶାଳ ସମାବେଶରେ ଚିତ୍ରକୋଣ୍ଡା ବ୍ଲକର ସମସ୍ତ ଗ୍ରାମପଂଚାୟତର ବିଭିନ୍ନ ଗ୍ରାମରୁ ଆସିଥିବା ସହୀଦ୍ ନରସିଂ ଡମ୍ ସମାଜର କାର୍ଯ୍ୟକର୍ତା ଏବଂ ମାଲକାନଗିରିର ସାତଟି ବ୍ଲକର କୋଣ ଅନୁକୋଣରୁ ଆସିଥିବା ସହୀଦ୍ ନରସିଂ ଡମ୍ ସମାଜର ଜିଲ୍ଲା ପରିଚାଳନା କମିଟି ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଆଜିର ଉକ୍ତ ସମାବେଶରେ ସହୀଦ୍ ନରସିଂ ଡମ୍ ସମାବେଶର ମଞ୍ଚାସିନ ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର କୂଳଦୀପ, ବରିଷ୍ଠ ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ ନାଗ ଯୋଗଦେଇ ଡମ୍ ମାନଙ୍କ ଇତିହାସ ଉପରେ ଆଲୋକପାତ କରିବା ସହ ୧୯୪୫ ମସିହା ଗେଜେଟ୍ ଅନୁଯାଇ ପ୍ରକୃତରେ ଆମ୍ଭେ ମୂଳ ଆଦିବାସୀ ବୋଲି ଉଲ୍ଲେଖ ଥିବା ସମସ୍ତ ନଥି ପତ୍ର ଉପସ୍ଥାପନ କରିଥିଲେ । ପୁଣି ୨୦୧୭ ମସିହାରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିର୍ଦ୍ଦେଶ କ୍ରମେ ୧୩ ଜଣ ଭାରତୀୟ ବିଭିନ ବର୍ଗର ପ୍ରଶାସକ ଙ୍କ ଦ୍ୱାରା ପୁଙ୍ଖାନୁପୁଙ୍ଖ ତଦନ୍ତ କରି ୫ଗୋଟି ଉପାଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ମୂଳ ଆଦିବାସୀ ମାନ୍ୟତା ପ୍ରଦାନ କରିବା ପାଇଁ ଲକୁର କମିସନ୍ (୧୯୬୫)କୁ୨ ଅନୁଶରଣ କରିମୂଳ ଆଦିବାସୀ ନିର୍ମାଣ କରିଥିବା ସମସ୍ତ ସରକାରୀ ଦସ୍ତାବିତ ଉପସ୍ଥିତ ଜନ ସାଧାରଣଙ୍କୁ ବୁଝାଇଲେ । ଆଗାମୀ ଦିନରେ ମାଲକାନଗିରି ଜିଲ୍ଲାର ବସବାସ କରୁଥିବା ଡମ୍ ସମ୍ପ୍ରଦାୟ ର ସମସ୍ତ ଜନ ସାଧାରଣ ଆଦିବାସୀ ମାନ୍ୟତା ପାଇଁ କିଭଳି ରାଜ୍ୟ ସରକାର ଓ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ମାଲକାନଗିରି ଜିଲ୍ଲାର ତୃଣ ମୂଳ ସ୍ତରରେ ସହୀଦ୍ ନରସିଂ ଡମ୍ ସମାଜ ର କାର୍ଯ୍ୟକର୍ତା ପହଂଚି ଡମ୍ ଜାତିର ବିକାଶ୍ ପାଇଁ ସଂକଳ୍ପ ନେଇଛନ୍ତି ।

ଆଜିର ସମାବେଶ ରେ ଅନ୍ୟମାନଙ୍କ ମଧ୍ୟରେ ସହୀଦ୍ ନରସିଂ ଡମ୍ ସମାଜର ବରିଷ୍ଠ କାର୍ଯ୍ୟକର୍ତା ମଦନ ଖସଲା, ମଙ୍ଗଳା ପାଙ୍ଗି, ମିନତୀ ଖିଲ, ଡମ୍ବରୁ ବାଗ, କଣ୍ଟେସ ପୋଟଲା, ସଦାନନ୍ଦ ଖରା, ବସନ୍ତ ନାୟକ, କୁମୁଟି ମାଣ୍ଡି, ଗଣେଶ ଖରା, ଧନୁର୍ଜୟ ହାନ୍ତାଳ, ଶିବ ଖରା, ରଘୁବିର ଖରା, ମାଛୁ ଖରା, ଶଙ୍କର ପାଣିଗ୍ରାହୀ, ସନୁ ଖିଲ, ନବୀନ ଖିଲ, ତୁଳସୀ ରାମ ଦଳେଇ, ଦୟାମଣି ଗୋଲାରୀ ପ୍ରମୁଖଙ୍କ ସହ ୩ ହଜାରରୁ ଉର୍ଦ୍ଧ୍ୱ ଡମ୍ ସମାଜର କାର୍ଯ୍ୟକର୍ତା ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ଯୁବ ପଡୋଶ ସାଂସଦ କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର, ୦୮/୩ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ସୋନପୁର ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଯୁବ ପଡୋଶ ସାଂସଦ କାର୍ଯ୍ୟକ୍ରମ ସ୍ଥାନୀୟ ଏନଜିଓସିସି ହଲ ଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମକ ପାର୍ଲିଆମେଂଟ ଅନୁଷ୍ଠିତ କରାଯାଇ ଦେଶର କ୍ଷମତାସୀନ ସରକାର, ବିରୋଧୀ ଦଳ ତଥା ସାଂସଦ ମାନଙ୍କ ଦେଶ ପ୍ରତି କର୍ତବ୍ୟ, ଦାୟିତ୍ୱ ତଥା ଆଇନ ସମ୍ବନ୍ଧରେ ଅବଲୋକନ କରାଯାଇଛି। ପୁନଶ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବକ ଯୁବତୀ ମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଇନ ବିଷୟରେ ରିସୋର୍ସ ପର୍ସନ ମାନଙ୍କ ଦ୍ୱାରା ତାଲିମ ପ୍ରଦାନ କରାଯାଇଛି। ସେହିପରି ଏକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ର ଗଠନରେ ଯୁବକ ଯୁବତୀଙ୍କ ଭୂମିକା ଓ କର୍ତବ୍ୟ ଉପରେ ମଂଚାସୀନ ଅତିଥି ବୃନ୍ଦ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଅଶ୍ୱିନୀ କୁମାର ଭୋଇ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁବର୍ଣ୍ଣପୁର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବେ ଏ ଭି ନରସିଂହା-ନେହେରୁ ଯୁବକେନ୍ଦ୍ର ଅଧିକାରୀ, ପ୍ଲାବନ ମହାପାତ୍ର,ଅଧ୍ୟକ୍ଷ ତଥା ଫାଉଣ୍ଡର,ମହାନଦୀ ଧାରା, ବିପିନ ବିହାରୀ ଜେନା,(ଏପିଏସ) - ଏନ.ୱାଇ. କେ. ସୋନପୁର , ମୁଖ୍ୟ ବକ୍ତା ତଥା ରିସୋର୍ସ ପର୍ସନ ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଅଦିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଅଧ୍ୟକ୍ଷ ଡ଼ ଜ୍ୟୋତି ରଞ୍ଜନ ବହିଦାର ପ୍ରମୁଖ ଯୋଗଦାନ କରିଥିଲେ। ଗୁରୁକୁଳ ଶିକ୍ଷା ନିକେତନ ଅଧ୍ୟକ୍ଷ ନକୁଳ ନାଏକ ଓ ନେହେରୁ ଯୁବ କେନ୍ଦ୍ରର ଏମ ଟି ଏସ କୃପାସିନ୍ଧୁ ସା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଶିବ ମହିମାର ଅନନ୍ୟ ପୀଠ ନିଖିରେଶ୍ୱର: ଜାଗର ଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାବେଶ



ଲଙ୍ଗଳେଶ୍ୱର , ୦୮/୩ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅନ୍ୟତମ ପ୍ରମୁଖ ଶୈବ ପୀଠ ହେଉଛି ବାବା ନିଖିରେଶ୍ୱର ।ନିଖିରେଶ୍ୱରଙ୍କ ମହିମା ଅପାର ।ଭକ୍ତଙ୍କ ମନସ୍କାମନା ବାବା ପୂରଣ କରୁ ଥିବାରୁ ମହାଦେବଙ୍କ ଜାହିରା ଅଧିକ ।ଆଖ ପାଖ ୧୦/୧୫ ଟି ମୌଜାର ଯାହାର ଯାହା ବି ଅସୁବିଧା ହେଲେ ବାବାଙ୍କ ଆସ୍ଥାନକୁ ଆସି ଗୁହାରୀ ଜାଣନ୍ତି ।ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଖପରାପଦା ଛକରୁ ଉତ୍ତରକୁ ୫/୬ କିଲୋମିଟର ଗଲେ ଏହି ପୂଜା ପୀଠ ପଡେ ।ପୀଠ ର ସେମିତି ଆଖି ଦୃଶିଆ କୌଣସି ଉନ୍ନତି ହୋଇ ନାହିଁ ।ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମଧ ପାଇ ନାହିଁ ।ସବୁଠୁ ବଡ଼ ସମସ୍ୟା ହେଉଛି ପୀଠ କୁ ଯିବା ପାଇଁ ଅଣ ଓସାରିଆ ରାସ୍ତା ।ମହାଦେବଙ୍କ ଏକର ଏକର ସମ୍ପତ୍ତି ଏବେ ଜବର ଦଖଲ କାରୀଙ୍କ କବଜାରେ ।ଏହାହିଁ ଦୁଃଖର ବିଷୟ। ମହାଦେବଙ୍କ ମହିମା ସମ୍ପର୍କରେ ଅନେକ କିମ୍ବଦନ୍ତୀ ରହିଛି। ଏକଦା ମହାଦେବ ମର୍ତ୍ତରେ ତାଙ୍କର ଲୀଳା ସଂରଚନା କରିବା ପାଇଁ ଦେବୀ ପାର୍ବତୀଙ୍କୁ କହନ୍ତି ।ପାର୍ବତୀ ଧ୍ୟାନସ୍ଥ ଥିବାରୁ କୌଣସି ଉତ୍ତର ଦେଲେ ନାହିଁ ।ମହାଦେବ କ୍ରୋଧିତ ହୋଇ ଆସନ୍ତି ଏହି ସ୍ଥାନକୁ ।ଏକଦା ଘଣ୍ଟୁ ନାମକ ଏକ ଗାଈଆଳ ପିଲା ର ଗାଈ ସନ୍ନିକଟ ଜଙ୍ଗଲ ରେ କେଉଁ ଆଡେ ଅଦୃଶ୍ୟ ହୋଇଗଲା ।ଘଣ୍ଟୁ ବହୁ ଖୋଜା ଖୋଜି କଲାରୁ ଏକ ଅଦ୍ଭୁତ ଦୃଶ୍ୟ ଦେଖି ଡରିଗଲା ।ହଜିଥିବା ଗାଈ ସେଠି ଛିଡା ହୋଇଛି ।ତାର ଚିର ରୁ କ୍ଷୀର ଅନବରତ ମାଟିରେ ପଡୁଥିଲା ।ସେ ଅଦ୍ଭୁତ ଘଟଣା କଥା ପ୍ରଘଟ କରିବାରୁ ଗ୍ରାମବାସୀ ମହାଦେବ ଙ୍କୁ ଠାବ କରିଥିଲେ। ଅନ୍ୟ ଏକ କିମ୍ବଦନ୍ତୀ ଅନୁସାରେ ଦେବୀ ପାର୍ବତୀ ଧ୍ୟାନ ବଳରେ ସମସ୍ତ ଜାଣନ୍ତି ।ସେ କ୍ରୋଧିତ ହୋଇ ସମସ୍ତ ଗାଈ ଙ୍କ କ୍ଷୀର ହରଣ କଲେ ।ଏଇଥିରୁ ଗ୍ରାମର ନାମ ନିଖିରା ପ୍ରତିପ୍ରନ୍ନ ହୋଇଛି । ମଝିପଡା ଜାନୁ ଘଣ୍ଟ ପଣ୍ଡା ମହାଦେବଙ୍କ ପ୍ରଥମ ପୂଜକ ଥିଲେ ।ଏହି ଶୈବ ପୀଠ ସହିତ ଚନ୍ଦନେଶ୍ୱର ,ଲଙ୍ଗଳେଶ୍ୱର ଆଦି ପୀଠର ସାମଞ୍ଜସ୍ୟ ଅନେକାଂଶରେ ରହିଛି ।ମହାଦେବ ଙ୍କ ଲିଙ୍ଗ ଶକ୍ତି ଠାରୁ ଢ଼େର ମାଟି ଭିତରକୁ ଥିବାର ଅନୁମାନ କରାଯାଏ। ଅନ୍ୟ ଏକ କିମ୍ବଦନ୍ତୀରୁ ଜଣାଯାଏ , ଏକଦା ବଙ୍ଗ ଦେଶର ଶ୍ୟାମ ଅଗ୍ରୱାଲା ନାମକ ଜନୈକ ଲୋକ କୌଣସି କାର୍ଯ୍ୟ ବଶତଃ ଏଠାକୁ ଆସନ୍ତି ।ନଡ଼ା ଛପର ଘେରା ମନ୍ଦିର ରେ ମହାଦେବଙ୍କୁ ଦେଖି ନ ପାରି ମନସ୍ତାପରେ ଫେରି ଯାଆନ୍ତି ।ମାତ୍ର ପୂଜକ କାଲି କି ସେ ତାଙ୍କୁ ମହାଦେବ ଙ୍କୁ ଦର୍ଶନ କରାଇଦେବେ ବୋଲି କହନ୍ତି ।ତହିଁ ପରଦିନ ଏକ ଅଦ୍ଭୁତ ଘଟଣା ଘଟିଲା ।ମହାଦେବଙ୍କ ଶକ୍ତି ର ତଳ ଭାଗରେ ସ୍ୱୟଂ ଜଟାଧାରୀ ଆବିର୍ଭାବ ହୋଇ ଥିଲେ ।ଶ୍ୟାମ ଅଗ୍ରୱାଲା କ୍ଷମା ଯାଚନା କରି ଫେରି ଯାଇଥିଲେ ।ଲୋକ ମୁଖ ରେ ଆଜି ବି ସେହି କଥା ଜୀବନ୍ତ ହୋଇ ରହିଛି। ମହାଦେବଙ୍କ ନୀଳ ଓ ପାଟ ପର୍ବ ଏଠାରେ ଖୁବ ଧୂମ ଧାମ ରେ ପାଳିତ ହୁଏ ।ଏବେ ମନ୍ଦିର କୁ ଲାଗି ସାପ୍ତାହିକ ହାଟ ଓ ବଜାର ଗଢି ଉଠିଛି ।ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ମଧ୍ୟ ରହିଛି ।ଏହା ବାଲିଆପାଳ ବ୍ଲକ ର ଏକ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ।ଜାଗର ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ବେଦବ୍ୟାସରେ ଦୀପ ଜାଳିଲେ ହଜାର ହଜାର ଶ୍ରଦ୍ଧାଳୁ; ଓଁ ନମଃ ଶିବାୟରେ ପ୍ରକମ୍ପିତ ହେଲା ଶୈବପୀଠ



ରାଉରକେଲା, ୦୮/୩ (ନି.ପ୍ର): ସହର ଓ ଏହାର ଆଖପାଖରେ ଶୈବପୀଠରେ ଆନନ୍ଦ ଉତ୍ସାହର ସହ ଶିବରାତ୍ରି ଓ ଜାଗରଯାତ୍ରା ପାଳିତ ହୋଇଯାଇଛି। ସବୁଠି ଥିଲା ଆଧ୍ୟାତ୍ମିକ ପରିବେଶ। ଶୈବପୀଠଗୁଡ଼ିକରେ ଲାଗିଥିଲା ଲମ୍ବାଧାଡି। ଶ୍ରଦ୍ଧାଳୁଙ୍କ 'ଓଁ ନମଃ ଶିବାୟ', ହରିବୋଲ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ମନ୍ଦିର ପରିସର। ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବେଦବ୍ୟାସ, ତରକେରାସ୍ଥ ଧବଳେଶ୍ୱରପୀଠ, କଳିଙ୍ଗବିହାର ଉମାଙ୍କର ପୀଠ, ଛେଣ୍ଡ କଲୋନି ଦେବବିହାର ଶୈବପୀଠ, ବାସନ୍ତୀକଲୋନି ମାଲଗୋଦାମ, ସେକ୍ଟର-୩ ଅହିରାମନ୍ଦିର ଜଗନ୍ନାଥ ମନ୍ଦିର ପରିସରସ୍ଥ ଶୈବପୀଠ, ସେକ୍ଟର-୮ ଶୈବପୀଠ, ସେକ୍ଟର-୧୯ ଆଖଣ୍ଡଳମଣି ମନ୍ଦିର, ସେକ୍ଟର-୨୦ ଡି ବ୍ଲକ ଶୈବପୀଠ, ସିଭିଲଟାଉନସିପ୍, ଫର୍ଟିଲାଇଜର, ବନ୍ଧମୁଣ୍ଡା ଆଦି ଶୈବପୀଠରେ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ବିର୍ସାଛକସ୍ଥ ଶିବ ଶଙ୍କର ନଗର ଶିବ ମନ୍ଦିରରେ ପବିତ୍ର ମହାଶିବରାତ୍ରୀ ପାଳିତ ହୋଇଯାଇଛି। କେଉଁଠି ରାତି ୧୨ଟା ପରେ ତ ଅନ୍ୟ କେଉଁ ଶୈବପୀଠରେ ରାତି ପ୍ରାୟ ୨ଟାରେ ମହାଦୀପ ଉଠିଥଲା। ମୋଟାମୋଟି ଭାବେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ଜିଲ୍ଲା ପୁଲିସ ପକ୍ଷରୁ ପ୍ରମୁଖ ଶୈବପୀଠଗୁଡ଼ିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ବେଦବ୍ୟାସ ଶୈବପୀଠରେ ଠାକୁର ଦର୍ଶନ ପାଇଁ ସକାଳୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳିଥିଲା। କେବଳ ସୁନ୍ଦରଗଡ଼ ଜିଲ୍ଲା ନୁହେଁ ବାହାର ରାଜ୍ୟରୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ମନ୍ଦିର ଚତୁଃପାର୍ଶ୍ୱରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ଦୀପ ଆଲୋକରେ ବେଦବ୍ୟାସ ଶୈବପୀଠ ଆଲୋକିତ ହୋଇଥିଲା। ମହାଦୀପ ଉଠିବା ପର୍ଯ୍ୟନ୍ତ ଭିଡ ଲାଗି ରହିଥିଲା। ରାତି ପ୍ରାୟ ୩ ଟା ୧୦ ମିନିଟ୍ ମଧ୍ୟରେ ଦୁଇ ମନ୍ଦିରରେ ମହାଦୀପ ଉଠିଥିଲା। ଚନ୍ଦ୍ରଚୂଡ ମନ୍ଦିରରେ ଆରଏସ୍‌ପି କାର୍ଯ୍ୟବାହୀ ନିର୍ଦ୍ଦେଶକ ଅତୁନ ଭୈମିକ ଓ ରାଉରକେଲା ଏସ୍‌ପି ମିତ୍ରଭାନୁ ମହାପାତ୍ର ମହାଦୀପ ଉଠାଇଥିଲେ। ସେମିତି ବାଲୁଙ୍କେଶ୍ୱର ମନ୍ଦିରରେ ଜିଲ୍ଲାପାଳ ପରାଗ ହର୍ଷଦ ଗାଭାଲି ଓ ଅତିରିକ୍ତ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମହାଦୀପ ଉଠାଥିଲେ। ଟ୍ରାଫିକ ପରିଚାଳନା ଏବଂ ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ୧୧ ପ୍ଲାଟୁନ୍ ପୁଲିସ ଫୋର୍ସ, ୧୭୦ ଗୃହରକ୍ଷୀ ଓ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ମେଳା ପଡ଼ିଆକୁ ଓ ମନ୍ଦିର ଚତୁଃପାର୍ଶ୍ୱ ସିସି ଟିଭି ନଜରରେ ରହିଛି। ଅଗ୍ନି ନିରାପତ୍ତାକୁ ଦୃଷ୍ଟିରେ ରଖି ରାଉରକେଲା ଅଗ୍ନିଶମ ବିଭାଗ ପକ୍ଷରୁ ମେଳାରେ କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ସେକ୍ଟର-୬ସ୍ଥ ସ୍ୱପ୍ନେଶ୍ୱର ମହାଦେବ ମନ୍ଦିରରେ ଜାଗରଯାତ୍ରା ଶେଷ ହୋଇଛି। ସନ୍ଧ୍ୟାରେ ଆଳତି ପରେ ପୂଜକ ବାନୀଶଙ୍କର ପଣ୍ଡା ପୂଜାବିଧି ଅନୁଯାଇ ଠାକୁରଙ୍କୁ ହରିହର ଦର୍ଶନ କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ରାତ୍ର ୧୨.୩୦ମି ରେ ମହାଦୀପ ଉଠିଥିଲା । ଭକ୍ତମାନେ ମହାଦୀପ ଦର୍ଶନ କରି ଠାକୁରଙ୍କ କରୁଣା ଭିକ୍ଷା କରିଥିଲେ। ରଘୁନାଥପାଲୀ ବିଧାୟକ ସୁବ୍ରତ ତରାଇ, ବିଧାୟଙ୍କ ପ୍ରତିନିଧି ଭୂଷଣ ଶେଠୀ ଉପସ୍ଥିତ। ମନ୍ଦିର ପରିଚାଳନା କମିଟିର ସାଧାରଣ ସମ୍ପାଦକ ଦିଲୀପ ଦାସ, ଦେବେନ୍ଦ୍ର ଆଚାର୍ଯ୍ୟ, ଦିଲ୍ଲୀପ କୁମାର ଦାସ, ଅକ୍ଷୟ ଜେନା, ରାମମୋହନ ନାୟକ, ଅଶୋକ ସ୍ୱାଇଁ, ଜ୍ୟୋତି ରଞ୍ଜନ ମିଶ୍ର, ସୁବାଶ ପାତ୍ର, ରବିନାରାୟଣ ରାଉତ, ଉତ୍ତମ ସାହୁ, ମନୋଜ ମିରକାପ, ଭାସ୍କର ଚଇନି, ବିକାଶ ପ୍ରତିହାରୀ, ବସନ୍ତ ଜେନା, ଅର୍ଜୁନ ବେହେରା, ଶ୍ରୀଧର ଓଝା, ପ୍ରଶାନ୍ତ ବାରିକ, ଅମୂଲ୍ୟ ରଞ୍ଜନ ନାୟକ, ଅଶୋକ ରାଉତରାୟ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୋଦୀ, ନବୀନ...

ଏହାବାଦ୍ ମେଣ୍ଟ ସଂକ୍ରାନ୍ତ ଆହୁରି କିଛି ଗହନ କଥା ରହିଛି, ଯାହା ଉପରେ ଶୀର୍ଷସ୍ତରରେ ବିଚାର ଆଲୋଚନା ଚାଲିଛି। ହେଲେ ଦୁଇଦିନ ମଧ୍ୟରେ ମେଣ୍ଟ ସଂକ୍ରାନ୍ତରେ ଗୋଟିଏ ସ୍ପଷ୍ଟ ଚିତ୍ର ମିଳିବ ବୋଲି ଉଭୟ ଦଳର ଶୀର୍ଷ ନେତୃତ୍ୱ ନିଜ ନାମ ଗୋପନ ସର୍ତ୍ତରେ 'ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗତକାଲି ଅର୍ଥାତ୍ ଗୁରୁବାର ମେଣ୍ଟ ଆଲୋଚନାକୁ ଆଉ ଟିକେ ଆଗକୁ ନେବାଲାଗି ବିଜେପିର କେନ୍ଦ୍ରୀୟ ଶୀର୍ଷ ନେତାଙ୍କ ଡାକରା ପାଇ ବିଜେଡି ନେତା ତଥା ୫ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଉଭୟ ନୂଆଦିଲ୍ଲୀ ଯାଇଥିଲେ। ଗତକାଲି ବିଳମ୍ବିତ ରାତିରେ ବିଜେଡିର ଏହି ଦୁଇ ନେତା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ସଭାପତି ନଡ୍ଡାଙ୍କ ସହିତ ବିଶଦ ଆଲୋଚନା କରିଛନ୍ତି। ଏଥିରେ କେଉଁ ପ୍ରସଙ୍ଗରେ ଆଲୋଚନା ହେଲା, ସେ ନେଇ କେହି କିଛି ଟେର୍ ପାଉନାହାନ୍ତି। ତେବେ ଉଭୟ ଶ୍ରୀ ପାଣ୍ଡିଆନ ଓ ପ୍ରଣବ ପ୍ରକାଶ ଆଜି ସକାଳୁ ଭୁବନେଶ୍ୱର ଫେରି ଆସିଛନ୍ତି। ଦିନତମାମ ବିଭିନ୍ନ ପର୍ଯ୍ୟାୟରେ ବିଜେଡିର ଛାମୁଆ ନେତାଙ୍କ ସହିତ ଉଭୟଙ୍କର ଆଲୋଚନା ହୋଇଛି। 'ସମ୍ବାଦ'କୁ ମିଳିଥିବା ସୂଚନା ମୁତାବକ, ବିଜେଡି କେତେ ଆସନରେ ଲଢ଼ିବ, କେଉଁ କେଉଁ ଆସନରେ ଲଢ଼ିବ ସେସବୁ ସଂପର୍କରେ ତଥ୍ୟ ଓ ପରିସଂଖ୍ୟାନ ସହିତ ବିଜେପିର କେନ୍ଦ୍ରୀୟ ନେତାଙ୍କୁ ଦିଆଯାଇଛି। ବିଜେଡି ଶିବିରରୁ ମେଣ୍ଟ ସଂପର୍କରେ ସକାରାତ୍ମକ ଚିତ୍ର ଆସୁଛି ।ଅନ୍ୟପକ୍ଷରେ ଓଡ଼ିଶା ବିଜେପି ନେତାମାନେ ମେଣ୍ଟକୁ ବି ?ରୋଧ କରୁଛନ୍ତି। ଏକାକୀ ନିର୍ବାଚନ ଲଢ଼ିବା ଲାଗି କେନ୍ଦ୍ରୀୟ ନେତୃତ୍ୱଙ୍କୁ ସେମାନେ ଜଣାଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ନୂଆଦିଲ୍ଲୀରେ ଗୁରୁବାର ରାତି ୧୦ଟାରୁ ଆଲୋଚନା ଆରମ୍ଭ ହୋଇ ଶୁକ୍ରବାର ଭୋର ପାଞ୍ଚଟା ଯାଏ ଚାଲିଥିଲା। ବିଜେପି ନେତା ତୁହାକୁ ତୁହା ବୈଠକ କରିଥିଲେ। ଓଡ଼ିଶା ପ୍ରଭାରୀ ବିଜୟ ପାଲ ସିଂ ତୋମାରଙ୍କ ସହିତ ରାଜ୍ୟ ନେତାମାନେ ପ୍ରଥମ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ପରେ ଓଡ଼ିଶାର ବିଜେପି ନେତାମାନେ ଆଉ ଦୁଇଟି ବୈଠକ କରିଥିଲେ। ବିଜେପିର ସାଧାରଣ ସଂପାଦକ ସୁନୀଲ ବଂଶଲଙ୍କ ସହିତ ହୋଇଥିବା ଦ୍ୱିତୀୟ ବୈଠକରେ ରାଜ୍ୟ ନେତାମାନେ ଏକସ୍ୱରରେ ଜଣାଇଥିଲେ ଯେ ମେଣ୍ଟ ଆଲୋଚନା ପରଠାରୁ ଓଡ଼ିଶାରେ କର୍ମୀଙ୍କ ମହଲରେ ଭୀଷଣ ଅସନ୍ତୋଷ ପ୍ରକାଶ ପାଉଛି। ଏହି ବୈଠକରେ ଓଡ଼ିଶାର ନିର୍ବାଚନ ପ୍ରଭାରୀ ଏବଂ ଅନ୍ୟ କେନ୍ଦ୍ରୀୟ ନେତା ବି ଉପସ୍ଥିତ ଥିଲେ। ତୃତୀୟ ବୈଠକରେ ଶ୍ରୀ ବଂଶଲ ରାଜ୍ୟ ବିଜେପି ନେତାଙ୍କ ଅସନ୍ତୋଷ ସଂପର୍କରେ ଶ୍ରୀ ଶାହଙ୍କୁ ଅବଗତ କରିଥିଲେ। ବିଜେପି ରାଜ୍ୟ ନେତା ବିଧାନସଭାର ଅନ୍ୟୂନ ୫୦ ଆସନ ଜିଦ୍ ?ରେ ଅଟଳ ରହିଥିବା କୁହାଯାଇଥିଲା। କେବଳ ସେତିକି ନୁହେଁ, ଯେଉଁ ବିଧାନସଭା ଏବଂ ଲୋକସଭା ଆସନରେ ଦଳର ବିଧାୟକ ଓ ସାଂସଦ ଅଛନ୍ତି, ସେସବୁ ଯେମିତି ବିଜେପି ହାତରେ ରହେ, ସେ ନେଇ ରାଜ୍ୟ ନେତା ଦାବି ରଖିଥିବା ସଂପର୍କରେ ଶ୍ରୀ ବଂଶଲ ଜଣାଇଥିଲେ। ସେହିଭଳି ବିଜେପି ରାଜ୍ୟ ନେତା ବିଜେଡିକୁ ୧୦୦ ଆସନ ଦେବା ଆଲୋଚନାକୁ ବିରୋଧ କରୁଥିବା ଜଣାଇଥିଲେ। ଶ୍ରୀ ବଂଶଲ ଆହୁରି କହିଥିଲେ ଯେ ରାଜ୍ୟ ନେତାମାନେ ଦୃଢ଼ ଦାବି ରଖୁଛନ୍ତି ଯେ ଏକାକୀ ଲଢ଼ିଲେ ଓଡ଼ିଶାରେ ବିଜେପି ଭଲ କରିବ। ୨୦୦୦ରୁ ୨୦୦୯ ଓ ୨୦୦୯ରୁ ୨୦୧୯ ଯାଏ ପ୍ରତି ନିର୍ବାଚନର ପରିସଂଖ୍ୟାନ ରଖି ବିଜେପି କିଭଳି ଆଗକୁ ବଢ଼ୁଛି, ରାଜ୍ୟ ନେତାମାନେ ଦେଇଥିବା ଏ ସଂକ୍ରାନ୍ତ ରିପୋର୍ଟ କେନ୍ଦ୍ରୀୟ ନେତାଙ୍କୁ ଦିଆଯାଇଥିଲା। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସମ୍ଭାବ୍ୟ ମେଣ୍ଟର ପ୍ରଭାବ ନେଇ ବିଜେପିର ଶୀର୍ଷସ୍ତରରେ ଏକ ସର୍ଭେ ଇତିମଧ୍ୟରେ କରାଯାଇଛି। ଏହି ରିପୋର୍ଟ ଉପରେ କେନ୍ଦ୍ରୀୟ ଶୀର୍ଷ ନେତୃତ୍ୱ ଆଲୋଚନା ଚଳାଇଛନ୍ତି। ଏଣୁ ରାଜ୍ୟ ବିଜେପି ନେତାଙ୍କ ସହିତ ଅଧିକ ଆଲୋଚନା ନ କରି ସେମାନଙ୍କୁ ଆଜି ଓଡ଼ିଶା ଫେରିଯିବାକୁ ସଙ୍କେତ ମିଳିଛି। ସେପଟେ ଜାତୀୟ ଗଣମାଧମ ଆସନ୍ତାକାଲି ଅର୍ଥାତ୍ ଶନିବାର ମେଣ୍ଟର ସ୍ୱରୂପ ନିର୍ଣ୍ଣୟ ହେବ ଓ ରବିବାର ସୁଦ୍ଧା ଘୋଷଣା ହେବ ବୋଲି ସୂଚନା ଦେଉଛନ୍ତି। ଓଡ଼ିଶାରେ ବିଜେପି ଏକାକୀ ଲଢ଼ିବ। ଉଭୟ ଲୋକସଭା ଓ ବିଧାନସଭାରେ ଦଳ ପ୍ରାର୍ଥୀ ଦେବ। ମେଣ୍ଟ ସମ୍ପର୍କରେ ଦିଲ୍ଲୀରେ କେ ?ଣସି ଚର୍ଚ୍ଚା କିମ୍ବା ଆଲୋଚନା ହୋଇନାହିଁ। ଉଭୟ କେନ୍ଦ୍ର ଓ ରାଜ୍ୟରେ କିଭଳି ବିଜେପି ସରକାର ଗଠନ ହେବ ସେନେଇ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟ ଚର୍ଚ୍ଚା ମଧ୍ୟରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ଦିଲ୍ଲୀରୁ ଫେରି ଏଭଳି ମନ୍ତବ୍ୟ ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ଦିଲ୍ଲୀରେ ପ୍ରସ୍ତୁତି ପାଇଁ ବୈଠକ ଅନୁଷ୍ଠିତ ହୋଇଥିଲା। ବିଜେପି କିଭଳି ଓଡ଼ିଶାରେ ଭଲ ପ୍ରଦର୍ଶନ କରିବ ସେନେଇ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ହୋଇଛି। ସେଥିପାଇଁ ଆମେ ଦିଲ୍ଲୀ ଯାଇଥିଲୁ। ମେଣ୍ଟ ହେବାର ନାହିଁ ବୋଲି ଆଗରୁ ସ୍ପଷ୍ଟ କରି ସାରିଛି। ଓଡ଼ିଶାରେ ସରକାର ଗଢ଼ିବୁ। ଏଥିସହ ଲୋକସଭା ନିର୍ବାଚନରେ ୪୦୦ରୁ ଅଧିକ ଆସନରେ ବିଜୟୀ ହୋଇ କେନ୍ଦ୍ରରେ ସରକାର କରିବୁ।

### ଆନ୍ତର୍ଜାତୀୟ ମହିଳା....

୧୯ କିଲୋଗ୍ରାମର ବ୍ୟବସାୟିକ ଏଲପିଜି ଗ୍ୟାସ ସିଲିଣ୍ଡର ମୂଲ୍ୟ ବୃଦ୍ଧି ଘୋଷଣା କରିଥିଲେ। ଏହି ବୃଦ୍ଧି ସହିତ ୧୯ କିଲୋଗ୍ରାମର ବ୍ୟବସାୟିକ ଏଲପିଜି ଗ୍ୟାସ ସିଲିଣ୍ଡର ଦିଲ୍ଲୀରେ ୧,୭୯୫ ଟଙ୍କାରେ ଉପଲବ୍ଧ ହେଉଥିଲା। କୋଲକାତାରେ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ସଂଶୋଧିତ ମୂଲ୍ୟ ୧,୯୧୧.୦୦, ମୁମ୍ବାଇରେ ୧,୭୪୯.୦୦ ଟଙ୍କା ଏବଂ ଚେନ୍ନାଇରେ ୧,୯୬୦.୫୦ ଟଙ୍କା ଥିଲା।

# ନିଖୋଜ ଯୁବକର ଶବ ଉଦ୍ଧାର

ଜୟପୁର, ୦୮/୩ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ ବାରିଣିପୁଟ ରେ ରହୁଥିବା ନିଖୋଜ ଯୁବକର ଶବ ଆଜି ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ହେଲେ ସିବୁ ବାଙ୍କିଆ (୧୯)। ପୋଲିସ ସୂଚନା ଅନୁଯାୟୀ, କେନାଲର ୟଲୋ ବ୍ରିଜରେ ଯୁବକ ଜଣକ ଗାଧୋଇବା ପାଇଁ ଜମ୍ପ କରୁଥିବା ବେଳେ ଗତ ୩ ତାରିଖରେ ନିଖୋଜ ହୋଇଯାଇଥିଲେ । ସୂଚନା ପାଇ ଜୟପୁର ଦମକଳ ବାହିନି ଓ ଓଡ୍ରାଫ ବହୁ ଖୋଜା ଖୋଜି କରି ୫ ଦିନ ପରେ ଶବକୁ ଉଦ୍ଧାର କରିଛନ୍ତି । କେନାଲର ନୁଆଗୁଡା ନିକଟରେ ଶବକୁ ଉଦ୍ଧାର କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

# ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନାକୁ ଗୁରୁତ୍ୱ

ପୁରୀ, ୦୮/୩ (ନି.ପ୍ର): ନିର୍ବାଚନ ପାଇଁ ଭାରତର ନିର୍ବାଚନ କମିଶନର ମାର୍ଗଦର୍ଶିକା ଜାରି କରିଛନ୍ତି। ଏହାରି ଆଧାରରେ ନିର୍ବାଚନ ପରିଚାଳିତ ହୋଇଥାଏ। ତେଣୁ ଏହାକୁ ବାରମ୍ବାର ଅଧ୍ୟୟନ ସହ କୌଣସି ସମସ୍ୟା ପାଇଁ ବିନା ସଂକୋଚରେ ଉପରିସ୍ଥ ଅଧିକାରୀ ମାନଙ୍କ ସହ ପରାମର୍ଶ କରନ୍ତୁ ।କୌଣସି କ୍ଷେତ୍ରରେ ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସତର୍କ କରାଇ ଦେଇଛନ୍ତି। ଆଗାମୀ ସାଧାରଣ ନିର୍ବାଚନ ୨୦୨୪ କୁ ମୁକ୍ତ, ଅବାଧ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସର ମାନଙ୍କର ୨ୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଜି ପୂର୍ବାହ୍ନରେ ଟାଉନ ହଲ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଏଥିରେ ଅଧ୍ୟକ୍ଷତା କରି ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ପରେ ନିର୍ବାଚନ ପାଇଁ ନିୟୋଜିତ ସେକ୍ଟର ଅଫିସର ଓ ସେକ୍ଟର ପୋଲିସ ଅଫିସର ମାନେ ନିଜ ଦାୟିତ୍ୱକୁ ଭଲ ଭାବେ ବୁଝି ପାରିଥିବାରୁ ନିଜ ନିଜ ପରିସରର ବୁଥ ଗୁଡିକୁ ତନ୍ନ ତନ୍ନ କରି ଅନୁଧ୍ୟାନ କରିବା, ବୁଥ ମାନଙ୍କରେ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକା ଅନୁସାରେ ସର୍ବନିମ୍ନ ସୁବିଧା ଯଥା ପାନୀୟ ଜଳ, ରାମ୍ପ,ବିଦ୍ୟୁତ ବ୍ୟବସ୍ଥା, ଶୌଚାଳୟ ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ। ନିର୍ବାଚନ ଏକ ଟିମ ୱାର୍କ ।ସମ୍ମିଳିତ ଭାବେ ଏହାକୁ ନିର୍ବାହ ପାଇଁ ସେ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ସହ ନିର୍ବାଚନ କିମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିର୍ବାଚନ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ସେକ୍ଟର ଅଫିସର ଓ ସେକ୍ଟର ପୋଲିସ୍ ଅଫିସର୍ ମାନଙ୍କ ଦାୟିତ୍ୱ, କର୍ତବ୍ୟ ଓ ମତଦାନ ପ୍ରକ୍ରିୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। ସେକ୍ଟର ଅଫିସର ମାନେ ନିର୍ବାଚନ ବ୍ୟବସ୍ଥା ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ହୋଇ ତାଙ୍କ ଅଧିନରେ ଥିବା ପ୍ରିଜାଇଡିଂ ଓ ପୁଲିଂ ଅଫିସର ମାନଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରାଇବାକୁ ପରାମର୍ଶ ଦିଆଯାଇଥିଲା। ପିପିଟି ମାଧ୍ୟମରେ ବିସ୍ତୃତ ଭାବେ ଭଲ୍ନରେବିଲିଟି ମ୍ୟାପିଙ୍ଗ୍, ବୁଥ୍ ଚିହ୍ନଟିକରଣ, ମତଦାନ କେନ୍ଦ୍ରକୁ ଅନୁଧ୍ୟାନ, କେନ୍ଦ୍ରରେ ବିଦ୍ୟୁତ ସଂଯୋଗ, ପାନୀୟ ଜଳ ବ୍ୟବସ୍ଥା, ରାମ୍ପ ବ୍ୟବସ୍ଥା, ଶୌଚାଳୟ ବ୍ୟବସ୍ଥାକୁ ନିରୀକ୍ଷଣ ସହ ନିର୍ବାଚନ ପୂର୍ବରୁ, ନିର୍ବାଚନ ଦିନ ଓ ନିର୍ବାଚନ ପରବର୍ତୀ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ନିର୍ବାଚନକୁ ଶୃଙ୍ଖଳିତ ପରିଚାଳନା ପାଇଁ ୧୦ ଗୋଟି ଗୁରୁତ୍ୱପୂର୍ଣ୍ଣ ଟିମ ଗଠନ କରାଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରୀୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ଦେବବ୍ରତ ଚକ୍ର, ଉପଜିଲ୍ଲାପାଳ ଗୋପୀନାଥ କୁଅଁର ପ୍ରମୁଖ ଉପସ୍ଥିତ ରହି ନିର୍ବାଚନ ଏକ ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟା। ନିର୍ବାଚନ ଆରମ୍ଭ ପୂର୍ବରୁ ଓ ନିର୍ବାଚନ ପ୍ରକ୍ରିୟା ଶେଷ ପର୍ଯ୍ୟନ୍ତ ଆମେ ସମସ୍ତେ ଭାରତର ନିର୍ବାଚନ କମିଶନଙ୍କ ଅଧିନରେ କାର୍ଯ୍ୟ କରୁଥିବାରୁ ଏହାର ଗୁରୁତ୍ୱକୁ ଅନୁଭବ କରି କାର୍ଯ୍ୟ କରିବାକୁ ଅନୁରୋଧ କରିଥିଲେ। ନିର୍ବାଚନ ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା ପ୍ରଶିକ୍ଷଣରେ ସହଯୋଗ କରିଥିଲେ। ପରେ ଇଭିଏମ ଓ ଭିଭିପାଟର ପ୍ରଶିକ୍ଷଣ ସେକ୍ଟର ଅଫିସର ମାନଙ୍କୁ ପ୍ରଦାନ କରାଯାଇଥିଲା।

# ସୀମାନ୍ତ ଗାଁର ଦୁଃଖ: ଘର ଓଡ଼ିଶା, ପଡ଼ୋଶୀ ଭରସା



ରାୟଗଡା, ୦୮/୩ (ନି.ପ୍ର): ରାୟଗଡା ଜିଲ୍ଲା ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ଲୋକେ ଅଭିଶପ୍ତ ଜୀବନ ବିତାଉଛନ୍ତି। ସ୍ୱାଧୀନତାର ସାତ ଦଶନ୍ଧି ବିତି ଯାଇଥିଲେ ସୁଦ୍ଧା ଲୋକେ ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉପାନ୍ତ ଦୁର୍ଗମ ଅଞ୍ଚଳରେ ଆବାସ ଯୋଜନା ଏବଂ ସ୍ୱଚ୍ଛ ଭାରତ ଅଭିଯାନରେ ଶୌଚାଳୟ ମିଳୁଥିଲେ ମଧ ଆଜି ପର୍ଯନ୍ତ ସୀମାନ୍ତ ଗ୍ରାମର ଲୋକେ ଏହା ପାଇବାରୁ ବଂଚିତ ହୋଇଛନ୍ତି। ରାଜ୍ୟ ସରକାରଙ୍କ ମାଳମାଳ ଯୋଜନାର ଲାଭ ଏମାନେ ଉଠାଇ ପାରୁନାହାନ୍ତି। ଏଭଳି ଗ୍ରାମ ହେଉଛି ରାୟଗଡା ଜିଲ୍ଲା ସଦର ବ୍ଲକର ଆନ୍ଧ୍ର ସୀମାନ୍ତକୁ ଲାଗିଥବା ବୈରାଗୀ ହାଲୁଆ ପଞ୍ଚାୟତର ପଣସଗୁଡ଼ା ଏବଂ ବଡ଼ ଲୁକୁଟିରପଡ଼ା ଗାଁ। ଗ୍ରାମବାସୀ ସୀମାନ୍ତରେ ବସବାସ କରୁଥିବା ବେଳେ ଗ୍ରାମରେ ପିଇବା ପାଣି, ରାସ୍ତା, ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ଲାଗି ରହିଛି। ଗ୍ରାମରେ ଥିବା ନଳକୂପରୁ ଦୂଷିତ ପାଣି ବାହାରୁଥିବା ବେଳେ ଲୋକେ ନଦୀ ପାଣିରେ ଶୋଷ ମେଣ୍ଟାଉଛନ୍ତି। ସେହିପରି ପକ୍କା ରାସ୍ତା ନଥିବା ଯୋଗୁଁ ଗାଁରେ ପହଞ୍ଚିପାରୁନାହିଁ ଆମ୍ବାଲାନସ ।ଭାରରେ ବୋହି ରୋଗୀକୁ ଆନ୍ଧ୍ର ମେଡିକାଲକୁ ନେଉଛନ୍ତି।

ସୀମାରେ ବିତୁଛି ଦୁର୍ଦ୍ଦିନରେ ଜୀବନ। ସ୍ୱାଧୀନତାର ସ୍ୱାଦ ଚାଖିନଥିବା ଏହି ଗ୍ରାମବାସୀ ଏବେ ବି ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ବିକାଶ କଣ ଏମାନେ ବୁଝନ୍ତି ନାହିଁ। ଆମେ କହୁଛୁ ରାୟଗଡା ସଦର ବ୍ଲକ ବୈରାଗୀହାଲୱା ପଞ୍ଚାୟତ ଅନ୍ତର୍ଗତ ପଣସଗୁଡା ଓ ବଡଲୁକଟିରପଡା ଗ୍ରାମର ଦୁଃଖଦ କାହାଣୀ। ଏହି ଗାଁ ଓଡ଼ିଶା-ଆନ୍ଧ୍ର ସୀମାନ୍ତରେ ରହିଥିବା ବେଳେ ଓଡିଶା ସରକାରଙ୍କ ତରଫରୁ ସେପରି କିଛି ଆଖିଦୃଶିଆ ସହାଯ୍ୟ ପାଉନାହାନ୍ତି। କେବଳ ପିଡିଏସ୍ ଚାଉଳକୁ ବାଦ୍ ଦେଲେ ଏଠି ସରକାରୀ ଯୋଜନା ଯେପରି ସାତସପନ ପାଲଟିଛି। ସୀମାରେ ବସବାସ କରୁଥିବା ପଣସଗୁଡାର ୧୨ ପରିବାର ଏବଂ ବଡ଼ଲୁକୁଟିର ପଡ଼ା ଗାଁର ୭ ପରିବାର ଅତି ଦୟନୀୟ ଅବସ୍ଥାରେ ରହୁଥିବା ବେଳେ ବ୍ଲକ ପ୍ରଶାସନ ଏମାନଙ୍କୁ ଆଡ ଆଖିରେ ଦେଖୁନଥିବା ଲୋକେ ଅଭିଯୋଗ କରିଛନ୍ତି। ଗ୍ରାମରେ ଦୁଇଟି ନଳକୂପ ମଧ୍ୟରୁ ଗୋଟିଏ ଅଚଳ ହୋଇଯାଇଥିବା ଆଉ ଅନ୍ୟ ଏକ ନଳକୂପରୁ ଦୂଷିତ ପାଣି ବାହାରୁଥିବା ବେଳେ ଲୋକେ ବାଧ ହୋଇ ନଦୀ ପାଣି ବ୍ୟବହାର କରୁଛନ୍ତି। ଫଳରେ ଅନେକ ସମୟରେ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି।

ଶିକ୍ଷା ବ୍ୟବସ୍ଥା ଏଠି ଭୁଶୁଡି ପଡିଥିବା ବେଳେ କୋମଳମତି ଶିଶୁ ଅଙ୍ଗନୱାଡି କେନ୍ଦ୍ର ମାଡିନାହାଁନ୍ତି। ଗାଁରେ ବିଦ୍ୟୁତ୍ ରହିଛି। ହେଲେ ଅଧିକାଂଶ ସମୟରେ ଲୋକେ ଅନ୍ଧାରରେ ଜୀବନ କାଟୁଛନ୍ତି। ସବୁ ଅତ୍ୟାବଶକୀୟ ଜିନିଷ ପାଇଁ ପଡ଼ୋଶୀ ଆନ୍ଧ୍ର ଉପରେ ନିର୍ଭର କରୁଛନ୍ତି। ଏପରିକି ବିବାହ ସଂପର୍କ ମଧ୍ୟ ଆନ୍ଧ୍ର ଲୋକଙ୍କ ସହ ରହିଛି। ଲୋକେ ଓଡ଼ିଆ ଭାଷା ଭୁଲିଗଲେଣି। ଏହି ଅଂଚଳ ସଂପୂର୍ଣ୍ଣ ଆନ୍ଧ୍ର ଭଳି ମନେ ହେବ। ଆନ୍ଧ୍ର ମଧ ଲୋକଙ୍କୁ ସମସ୍ତ ସୁବିଧା ଧୀରେଧୀରେ ଯୋଗାଇ ଆସୁଛି। ଓଡ଼ିଶାରେ ବସବାସ କରୁଥିଲେ ମଧ ପଡ଼ୋଶୀ ରାଜ୍ୟ ଉପରେ ଭରସା କରିବାକୁ ପଡୁଥିବା ଲୋକେ କହନ୍ତି। ବହୁ ସମୟରେ ଆନ୍ଧ୍ରର ଲୋକେ ପଣସଗୁଡା ଗ୍ରାମବାସୀଙ୍କୁ ଆନ୍ଧ୍ରରେ ମିଶିବାକୁ କହୁଥିବା ବେଳେ ଲୋକେ ଆଜି ପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରୁ ନାହୁଁ ବୋଲି ଗ୍ରାମର ବେଲା ତାଡିଙ୍ଗି ଏବଂ ମୋହନ ତାଡିଙ୍ଗି ପ୍ରକାଶ କରିଛନ୍ତି। ଏହି ଦୁଇଟି ଗ୍ରାମବାସୀଙ୍କ ଦୁଃଖ ଦୂର କରିବାରେ ପ୍ରଶାସନ ନିଜ ବିଫଳତାର ପରିଚୟ ଦେଇଛି। ଏଭିଳି ପରିସ୍ଥିତିରେ ରାଜ୍ୟ ସରକାର ଗ୍ରାମବାସୀଙ୍କୁ ମୌଳିକ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି ।

# ଆସନ୍ତା ୧୨ ତାରିଖରେ ଜୟପୁରରେ କଂଗ୍ରେସର କର୍ମୀ ସମ୍ମିଳନୀ

ଜୟପୁର, ୦୮/୩ (ନି.ପ୍ର): ଆସନ୍ତା ୧୨ ତାରିଖରେ ଜୟପୁର ଠାରେ କଂଗ୍ରେସ ତରଫରୁ କର୍ମି ସମ୍ମିଳନି ଆୟୋଜନ ହେବ । ଏନେଇ ଆଜି ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲା କଂଗ୍ରେସ ଓ ନଗର କଂଗ୍ରେସ ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । କୋରାପୁଟ ଜିଲା ସଭାପତି ଶଶି ଭୁଷଣ ପାତ୍ରଙ୍କ ଆହ୍ୱାନରେ ଆୟୋଜିତ ବୈଠକରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଯୋଗ ଦେଇଥିବା ବେଳେ ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ବରିଷ୍ଠ କଂଗ୍ରେସ ନେତା ବିନୋଦ ମହାପାତ୍ର, ମଦନ ମୋହନ ନାୟକ, ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନଳିନି ରଥ, ଦେବେନ୍ଦ୍ର ବାହନିପତି, କୋଟପାଡ ଏନଏସି ଅଧ୍ୟକ୍ଷ ଶଙ୍କର ରାଓ, କୋଟପାଡ ବ୍ଲକ ସଭାପତି ମନହର ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ । ଜିଲାର ୧୪ଟି ବ୍ଲକ ସଭାପତି ମାନେ ଉପସ୍ଥିତ ଥିଲେ । ଆସନ୍ତା ୧୨ ତାରିଖରେ ଗ୍ଲୋକାଲ ହସପିଟାଲ ସମ୍ମୁଖରୁ ବିଶାଳ ବାଇକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଦଶହରା ପଡିଆ ଠାରେ ପହଂଚିବ । ସେଠାରେ କର୍ମି ସମ୍ମିଳନି , ସମ୍ବର୍ଦ୍ଧନା,ଆୟୋଜନ ହେବ ବୋଲି ନିଷ୍ପତି ହୋଇଛି । ଏହି କର୍ମି ସମ୍ମିଳନିରେ କଂଗ୍ରେସର ଓଡିଶା ପ୍ରଭାରି ଅଜୟ କୁମାର, ରାଜ୍ୟ ସଭାପତି ସରତ ପଟ୍ଟନାୟକ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନିପତି, କୋରାପୁଟ ସାସଂଦ ସପ୍ତଗିରି ଶଙ୍କର ଉଲ୍ଲକା, ଜିଲା ଓବିସି ସେଲ ସଭାପତି ନିହାର ବିଷୋୟୀ ଉପସ୍ଥିତ ରହିବାର କାଯ୍ୟକ୍ରମ ରହିଛି ।

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

## ନସକରିଆ ଶୈବପୀଠରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ; ପାହାଚ ନିର୍ମାଣ ପାଇଁ ଦାବି

ରାଇରଙ୍ଗପୁର/ଗୋରୁମହିଷାଣୀ, ୦୮/୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ଗୋରୁମହିଷାଣୀ ନିକଟସ୍ଥ ସୁଣ୍ଢଳ ଗ୍ରାମ ନିକଟରେ ଥିବା ନସକରିଆ (ପାହାଡ ଗୁମ୍ଫା)ପୀଠରେ ଶୁକ୍ରବାର ମହାଶିବରାତ୍ରି ଉପଲକ୍ଷେ ୩୦ ହଜାରରୁ ଅଧିକ ଭକ୍ତଙ୍କ ସମାଗମ ହୋଇଥିଲା। ପ୍ରତ୍ୟେକ ବର୍ଷ ପରି ଏହି ବର୍ଷ ମଧ ଏହି ପୀଠରେ ଭୋର ୨ ଟାରୁ ରାତ୍ର ୧୦ ଘଟିକା ପ୍ରର୍ଯ୍ୟନ୍ତ ଭକ୍ତଙ୍କ ଭିଡ ଜମିଥାଏ। ତେବେ ଚଳିତ ବର୍ଷ ଏହି ପୀଠକୁ ମୟୂରଭଞ୍ଜ ସମେତ ପଡଶୀ ଜିଲ୍ଲା କେନ୍ଦୁଝର, ପଡ଼ୋଶୀ ରାଜ୍ୟ ଝାରଖଣ୍ଡ, ପଶ୍ଚିମବଙ୍ଗରୁ ୨୦ ହଜାରରୁ ଅଧିକ ଭକ୍ତ ଆସିଥିବା ଜଣାପଡ଼ିଛି। ସେମାନେ କିତିଛନ୍ତି ମଧ ତେବେ ଦେଖିବାକୁ ବାକି ରହିଲା ପାହାଚ ନିର୍ମାଣ କେବେ ହେଉଛି। ଏଠାରେ ପୂଜାକମିଟିର ସଭାପତି ଭଳାନାଥ ସିଂ, ସମ୍ପାଦକ ତରୁଣ ତୁଙ୍ଗ, କୋଷାଧକ୍ଷ ମାଲୁ ଟିପିରିଆ ସମସ୍ତ କାର୍ଯ୍ୟ ତୁଲାଇଥିବା ବେଳେ କମିଟିର ସଦସ୍ୟ ହେମନ୍ତ ସିଂହ, ଜଳେଶ୍ୱର ଦେଓ, ବାପୁନ, ସୁମିତ, ପିଣ୍ଟୁ ଧଳ, ରାଜେନ, ତୋଫାନ ମୁଣ୍ଡା, ମୁନା ପାଟବନ୍ଧା, ଜଗଦୀଶ ଟିପିରିଆ, ଡେନିସ, ଆଦିତ୍ୟ, ଗୋପୀନାଥ ସି, ସଂଜୟ, ଟିକିନା, ଅଲୁ ପ୍ରମୁଖ ସହଯୋଗ କରିଥିବା ବେଳେ ପୂଜକ ଭାବେ ବିନୋଦ କୁମାର ଧଳ ପୂଜା କାର୍ଯ୍ୟ ତୁଲାଇଥିଲେ। ଗୋରୁମହିଷାଣୀ ପୁଲିସର କଡ଼ା ସୁରକ୍ଷା ବ୍ୟବସ୍ଥା ଥିବାରୁ କୌଣସି ଗଣ୍ଡଗୋଳ ଦେଖିବାକୁ ମିଳିନଥିଲା। ତେବେ ୨୮୦୦ ମିଟର ଉଚ୍ଚ ବିଶିଷ୍ଟ ପାହାଡକୁ ଚଢିବା ପାଇଁ ପାହାଚ ନ ଥିବାରୁ ଶ୍ରଦ୍ଧାଳୁମାନେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ୨୮୦୦ ଫୁଟ୍ ଉଚ୍ଚତା ବିଶିଷ୍ଟ ପାହାଡକୁ ଚଢିବା ପାଇଁ ପାହାଚ ନିର୍ମାଣ ପାଇଁ ଦାବି ହେଉଛି। ତେବେ ଚଳିତ ନିର୍ବାଚନ ସମୟରେ ଜନପ୍ରତିଧିମାନେ କିତିଲେ ପାହାଚ ନିର୍ମାଣ କରିଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତେବେ ଦେଖିବାକୁ ବାକି ରହିଲା ପାହାଚ କେବେ ନିର୍ମାଣ ହେଉଛି।

## ବିଶ୍ୱ ଆର୍ନ୍ତଜାତୀୟ ମହିଳା ଦିବସ ପାଳିତ



ଭଦ୍ରକ, ୦୮/୩ (ନି.ପ୍ର): ଆଜି ବିଶ୍ୱ ଆର୍ନ୍ତଜାତୀୟ ମହିଳା ଦିବସ ଜିଲ୍ଲା ସଂସ୍କୃତି ଭବନରେ ଫେଲୋସିପ୍ ଅଗ୍ରଣୀ ଅନୁଷ୍ଠାନର ସଂଯୋଜନା ଓ ଅଖିଳ ଭାରତୀୟ ଗଣତାନ୍ତ୍ରୀକ ମହିଳା ସମିତି, ଇନ୍ର ହୁଇଲ କ୍ଲବ୍ ଭଦ୍ରକର ଡ଼କ୍ଟର ସହାୟତାରେ ପାଳନ କରାଯାଇଛି । ଫେଲୋସିପ୍ର ସଭାପତି ଝରଣା ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିବା ବେଳେ ଅତିଥି ପରିଚୟ ଜାରୁଲତା ମହାପାତ୍ର କରିଥିଲେ । ଅତିଥି ଭାବେ ସୋମାଚାନ୍ଦ,ଡ଼ି.ଏସପି ଡ଼ିଆଇଭି ପ୍ରଭାତ ବିଶ୍ୱାଳ, ରାଧାରାଣୀ ମହାପାତ୍ର, ଡ଼କ୍ଟର ସୁକାନ୍ତି ମହାପାତ୍ର, ଅବନ୍ତି ମଲ୍ଲିକ, ଇସ୍ପିତା ଜେନା, ସୋଫିଆ ସେକ, ସୁରଜିତା ନାୟକ,ପ୍ରଭାତ ବିଶ୍ୱାଳ ପ୍ରମୁଖ ଯୋଗ ଦାନ କରି ମହିଳା ଦିବସର ତାପର୍ଯ୍ୟ ଅବସ୍ଥା ଓ ନିରାକରଣ ବିଷୟରେ ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଫେଲୋସିପର ସମ୍ପାଦକ ଏ.ସ.ଏମ୍ ଫାରୁକ ସୂଚାଇଥିବା ବେଳେ ପ୍ରଭାତି ଜେନା ଓ ଉତ୍ପଳା ନାୟକ ନିଜ ନିଜର ଅଭି ଭାଷଣ ରଖିଥିଲେ । ଏହି କାର୍ଯ୍ୟ କ୍ରମରେ ବହୁ ସଂଖ୍ୟକ ମହିଳା ଓ କିଶୋରି ବାଳିକା ମାନେ ଯୋଗ ଦେଇଥିଲେ । ଫେଲୋସିପ୍ ଓ ଆସିଆନାର ଶିଶୁମାନେ ଖୁବ୍ ସୁନ୍ଦର ନୃତ୍ୟ ପରିବେଶଣ କରିଥିଲେ । ପରିଶେଷରେ ଫେଲୋସିପର ନିର୍ଦ୍ଦେଶକ ଲଳାଟେନ୍ଦୁ ମହାନ୍ତି ଧନ୍ୟବାଦ ଅର୍ପଣ କାରିଥିଲେ ।

## ପାରାଦୀପ ବନ୍ଦରରେ ଲାଗିଲା ବିଶ୍ୱର ବୃହତ ମେଡ଼ିଟେରିଆନ ସିପିଙ୍ଗ କମ୍ପାନୀର ପ୍ରଥମ ଆମଦାନୀ ରପ୍ତାନି କଣ୍ଟେନର ପଣ୍ୟ ଜାହାଜ




ପାରାଦୀପ, ୦୮/୩ (ନି.ପ୍ର): ଦୁନିଆର ସର୍ବ ବୃହତ କଣ୍ଟେନର ଲାଇନ ମେଡ଼ିଟେରିଆନ ସିପିଙ୍ଗ କମ୍ପାନୀର ଏସଇ ଫିଡ଼ର ଅନ୍ତର୍ଗତ ଶୁକ୍ରବାର ଦିନ ପାରାଦୀପ ବନ୍ଦରକୁ ସଟଲ ସେବାର ଶୁଭାରମ୍ଭ ହୋଇଛି । ପ୍ରଥମ ଜାହାଜ ଏମଏସି ଟାଇଗର ଏଫ ଆଜି ବନ୍ଦରର ପିଆଇସିଟି ଟର୍ମୀନାଲ ରେ ପହଞ୍ଚିଛି । ଏହାର ଦୈର୍ଘ୍ୟ ୧୫୪.୫୧ ମିଟର ଏବଂ ଓସାର ୨୫.୨୧ ମିଟର । ପାରାଦୀପ ଓ କଲମ୍ବୋ ମାର୍ଗ ଦେଇ ଏହା ମାସକୁ ୩ ଥର ଯୋଜନାବଦ୍ଧ ଭାବେ ପାରାଦୀପ ବନ୍ଦରକୁ କଣ୍ଟେନର ପଣ୍ୟ ପରିବହନ କରିବ । କଲମ୍ବୋ ଅଭିମୁଖେ ଜଳଯାତ୍ରା କରିବାକୁ ଥିବା ଏହି ଜାହାଜରେ ବେଦାନ୍ତ ର ୯୦ ଟିଇୟୁ ଆଲୁମିନିୟମ ଓ ଜିନ୍ଦଲ ଷ୍ଟିଲ ଷ୍ଟେନଲେସ ଲିମିଟେଡ଼ର ୩୬ ଟିଇୟୁ ପଣ୍ୟ ରହିଛି । ଏହି ଐତିହାସିକ ଶୁଭାରମ୍ଭ ଅବସରରେ ଯୋଗଦେଇ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ. ହରନାଦ କହିଥିଲେ ଯେ ୧୯୬୭ ମସିହାରୁ ବନ୍ଦରରେ ପଣ୍ୟ କାରବାର ଆରମ୍ଭ ହେବା ଠାରୁ ବିଗତ ୫୭ ବର୍ଷ ଧରି ପାରାଦୀପ ବନ୍ଦର ଲୁହାପଥର, କୋଇଲା ଓ ଅଶୋଧିତ ତୈଳବାହୀ ପଣ୍ୟ ଉପରେ ବିଶେଷ ଗୁରୁତ୍ୱ ଦେଇଆସିଛି । ତେବେ କଣ୍ଟେନର ପଣ୍ୟ କାରବାଇ କ୍ଷେତ୍ରରେ ଆଜି ଏକ ବିଶେଷ ଐତିହାସିକ ଦିନ । ପାରାଦ୍ୱୀପ ବନ୍ଦରରେ ପ୍ରାୟ ୨ ଲକ୍ଷ ଟିଇୟୁ କଣ୍ଟେନର ପଣ୍ୟର ବିଶେଷ ସୁଯୋଗ ରହିଛି । ରାଜ୍ୟ ସରକାର ଓ ବନ୍ଦର କର୍ତ୍ତୃପକ୍ଷଙ୍କ ମିଳିତ ପ୍ରୟାସରେ ଆଜି ଏହି କଣ୍ଟେନର ସେବାର ଶୁଭାରମ୍ଭ ହୋଇଛି । ପାରାଦୀପ ବନ୍ଦର ଆଗ୍ରହୀ କଣ୍ଟେନର ଲାଇନକୁ ଜାହାଜ ସମ୍ପର୍କିତ ବ୍ୟୟରେ ୭୦ ପ୍ରତିଶତ ରିହାତି ପ୍ରଦାନ କରୁଛି କ୍ଷ ଯଥା କଣ୍ଟେନର ସ୍କାନିଙ୍ଗ ପାଇଁ କୌଣସି ପ୍ରକାର ଶୁଳ୍କ ଆଦାୟ କରୁନାହିଁ । ଏଣିକି ଓଡ଼ିଶାର ଆଶାୟୀ ଓ ଆଗ୍ରହୀ ଗ୍ରାହକ ମାନେ ରାଜ୍ୟ ବାହାରେ ଥିବା ବନ୍ଦର ଗୁଡିକ ଉପରେ କଣ୍ଟେନର ସେବା ପାଇଁ ଆଉ ବିଶେଷ ନିର୍ଭରଶିଳ ହେବେ ନାହିଁ । ସେହିପରି ଏମଏସଏମଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଥିଲେ ଯେ ଏହା ଏକ ବିଶେଷ ମୂହୁତ , ଯେଉଁଥିପାଇଁ ସମଗ୍ର ରାଜ୍ୟ ଦୀର୍ଘ ଦଶନ୍ଧି ଧରି ଅପେକ୍ଷା କରିଥିଲା । ଓଡିଶାରୁ କଣ୍ଟେନର ପଣ୍ୟର ବିପୁଳ ଉତ୍ସ ରହିଛି । ଏମଏସଇ ପରି ପାରାଦୀପ-ମାଲେସିଆର କ୍ଲାଙ୍ଗ ବନ୍ଦର ମଧ୍ୟରେ କଣ୍ଟେନର ପଣ୍ୟ କାରବାର ପାଇଁ କଣ୍ଟେନର ଲାଇନ ଆରସିଏଲ ସହ ରାଜ୍ୟ ସରକାର ଖୁବ ଶୀଘ୍ର ଭିଜିଏଫ ଚୁକ୍ତିନାମା ସ୍ୱାକ୍ଷର କରିବାକୁ ଯାଉଛନ୍ତି । ଏହି ଦୁଇଟି ଯାକ ଜଳପଥ ମାଧ୍ୟମରେ ରାଜ୍ୟର ଶିଳ୍ପ ଗୁଡିକୁ କଣ୍ଟେନର ଭିତିଭୂମି ଓ ପରିବହନ ବ୍ୟବସ୍ଥା ନିମନ୍ତେ ଆବଶ୍ୟକୀୟ ସହଯୋଗ ମିଳିବ। ଏହି ଅବସରରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ବନ୍ଦର ଉପାଧକ୍ଷ ନୀଳାଭ୍ର ଦାସଗୁପ୍ତା, ଟ୍ରାଫିକ ମ୍ୟାନେଜର ଜି.ଏଡିସନ, ଉପ ସଂରକ୍ଷକ କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ଟ୍ରାଫିକ ଉପଦେଷ୍ଟା ଆଶିଷ କୁମାର ବୋଷ ଏବଂ ପିଆଇସି ଟି ଟର୍ମୀନାଲ ମୁଖ୍ୟ ରାଜେଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଥାଉକି ପାରାଦୀପ ବନ୍ଦରରେ ହେବାକୁ ଯାଉଥିବା ଆମଦାନୀ ରପ୍ତାନି କଣ୍ଟେନର ପରିମାଣ ୨୫୦ ଟିଇୟୁ ରୁ ଯଦି ହ୍ରାସ ପାଏ, ତେବେ ରାଜ୍ୟ ସରକାର ସମାନୁପାତିକ ଭାବେ ହ୍ରାସ ଟିଇୟୁରୁ ପ୍ରତି ଟିଇୟୁ ପିଛା ପିଜିଏଫ ଚୁକ୍ତି ଅନ୍ତର୍ଗତ ୨ ଶହ ଡଲାର ଅର୍ଥ ପ୍ରଦାନ କରିବେ । ଏହା ସମଗ୍ର ଦେଶରେ ଏ ଧରଣର ଏକ ସ୍ୱତନ୍ତ୍ର ଚୁକ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ ।

## ପ୍ରବଳ ଜନସମାଗମ ଓ ଭକ୍ତଙ୍କ ଭିଡ଼ରେ ଚାଲିଛି ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ଜାଗର ଯାତ୍ରା



ନୀଳଗିରି , ୦୮/୩ (ନି.ପ୍ର): ଦେବଦେବ ମହାଦେବ ବାବା ଭୋଳା ଶଙ୍କରଙ୍କ ପବିତ୍ର ଜାଗର ଯାତ୍ରା ବା ମହାଶିବରାତ୍ରି ଉପଲକ୍ଷେ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ମହା ଆଡ଼ମ୍ବରରେ ଚାଲିଛି ପୂଜା ଆରାଧନା। ଚଳଚଞ୍ଚଳ ହୋଇଉଠିଛି ଶୈବକ୍ଷେତ୍ର। ଦେବଗିରି ପାହାଡ଼ ଉପରେ କୁଳୁକୁଳୁ ନାଦରେ ଚିରସ୍ରୋତା ଝରଣା ଜଳ ପଥର କୋରଡରେ ଥିବା ପଞ୍ଚଲିଙ୍ଗଙ୍କୁ ସ୍ପର୍ଶକରି ବହିଯାଉଥିବା ବେଳେ ବହୁ କିମ୍ବଦନ୍ତୀ ବର୍ଣ୍ଣିତ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ମହାଶିବରାତ୍ରି ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ଭୋର ୪.୧୫ରେ ବାବାଙ୍କ ମଙ୍ଗଳ ଆଳତି ପରେ ୫ଟାରେ ନିତିକାନ୍ତି ପୂଜା ସମାପନ ହୋଇଥିଲା। ସକାଳ ୬ଟାରେ ଭକ୍ତମାନଙ୍କ ପାଇଁ ସାଧାରଣ ଦର୍ଶନ ପାଇଁ ଖୋଲାଯାଇଥିଲା। ହରହର ମହାଦେବ, ଓଁ ନମଃ ଶିବାୟ ଧ୍ୱନିରେ ପୀଠ ଫାଟି ପଡୁଥିବା ବେଳେ ବହୁ ଦୂରଦୁରାନ୍ତରୁ ଭକ୍ତ ଓ ଶ୍ରଦ୍ଧାଳୁମାନେ ମାନେ ବାବାଙ୍କର ପୂଜାଅର୍ଚ୍ଚନା କରି ପଞ୍ଚଲିଙ୍ଗଙ୍କୁ ସ୍ପର୍ଶ କରି ଆଶିଷ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ପଞ୍ଚଲିଙ୍ଗେଶ୍ୱର କମିଟି ତରଫରୁ ଭକ୍ତଙ୍କ ଦର୍ଶନ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ଆଇନ ଶୃଙ୍ଖଳା ପାଇଁ ପ୍ରଶାସନ ପକ୍ଷରୁ ମଧ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଛି। ପୀଠର ସୌନ୍ଦର୍ଯ୍ୟ କରଣ ପାଇଁ ଉଜ୍ଜ୍ୱଳ ଆଲୋକ, ପାନୀୟଜଳ ବ୍ୟବସ୍ଥା କରାଯାଇଥିବା ବେଳେ ପୀଠକୁ ସାଫସଫେଇ କରାଯାଇଛି। ସନ୍ଧ୍ୟା ୬.୧୫ମିନିଟରେ ସନ୍ଧ୍ୟା ଆଳତୀ ଅନୁଷ୍ଠିତ ପରେ ଶ୍ରଦ୍ଧାଳୁମାନେ ଦୀପ ପ୍ରଜ୍ୱଳନ କରିବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଭୋର ୪.୨ମିନିଟ ସମୟରେ ମହାଦୀପ ଉଠିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ବାବା ପଞ୍ଚଲିଙ୍ଗେଶ୍ୱର ପୀଠ ବ୍ୟତୀତ ନୀଳଗିରି ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଥିବା ଶିବାଳୟ ମାନଙ୍କରେ ଶ୍ରଦ୍ଧାଳୁ ମାନେ ଦିନ ତମାମ ପୂଜାର୍ଚ୍ଚନା କରିଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ଥିବାର ସୂଚନା ମିଳିଛି।

## ସାପ୍ତାହିକ ହାଟରେ ଯୁବକଙ୍କୁ ଗୁଳିମାଡ଼: ମୁଖ୍ୟ ଅଭିଯୁକ୍ତ ସହ ୩ ଯୁବକ କୁଆରମୁଣ୍ଡାରୁ ଗିରଫ

ରାଉରକେଲା, ୦୮/୩ (ନି.ପ୍ର): ବେଦବ୍ୟାସ କଲୁଙ୍ଗାର ଜନଗହଳିପୂର୍ଣ୍ଣ କରୁଆବାହାଲ ସାପ୍ତାହିକ ହାଟରେ ଶୁକ୍ରବାର ଅପରାହ୍ନରେ ଗୁଳିକାଣ୍ଡ ହୋଇଛି। ଜଣେ ଯୁବକଙ୍କ ଗୁଳିରେ ଅନ୍ୟଜଣେ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କ ପିଠିରେ ଗୋଟିଏ ଗୁଳି ବାଜିଛି। ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନା (ଆରଜିଏଚ୍)ରେ ଭର୍ତ୍ତି କରାଯାଇଛି। ଡାକ୍ତର ଅସ୍ତ୍ରୋପଚାର ପରେ ପିଠିରେ ପଶିଥିବା ଗୁଳିକୁ ବାହାର କରିଦେଇଛନ୍ତି। ଜମି କିଣାବିକା କିମ୍ବା ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳିକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଫେରାର ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣକୁ ବ୍ରାହ୍ମଣୀତରଙ୍ଗ ଓ କୁଆରମୁଣ୍ଡା ଫାଣ୍ଡି ପୁଲିସ କୁଆରମୁଣ୍ଡା ବଜାରର ଏକ ମଦ ଦୋକାନ ନିକଟରୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବଡମାରେନର ସୁନୀଲ ମାଝି (୪୦), ବିନୟ ଲୋହାର (୧୯) ଓ ଝାଡ଼ଖଣ୍ଡର ବିଶାଳ ସିଂହ (୪୮)। ଏମାନଙ୍କ ନିକଟରୁ ପୁଲିସ ୨ଟି ଦେଶୀ ପିସ୍ତଲ, ୭ ଅଫୁଟା ଗୁଳି ଜବତ କରିଛି। ଗିରଫ ତିନି ଅଭିଯୁକ୍ତକୁ କୋର୍ଟ ଚାଲାଣ କରି ପୁଲିସ ଘଟଣାର ତଦନ୍ତ ଚଳାଇଛି। ଗୁଳିକାଣ୍ଡ ପରେ ସପ୍ତାହିକ ହାଟର ସୁରକ୍ଷାକୁ ନେଇ ବ୍ୟବସାୟୀ ଓ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଗୁଳିକାଣ୍ଡ କରିଥିବା ୩ ଯୁବକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୁକ୍ତମାନଙ୍କ ନାଁରେ ଏକାଧିକ ଅପରାଧିକ ମାମଲା ରହିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ କଲୁଙ୍ଗା କରୁଆବାହାଲ ବଜାରଦାଣ୍ଡ ବସ୍ତିରେ ସୁରେଶ ସୁରିନ (୩୨) ରହନ୍ତି। ଗତ ଦୁଇ ବର୍ଷ ଧରି ସୁନୀଲ ମାଝି ସହ ଜମିବାଡ଼ି କିଣାବିକାକୁ ନେଇ କଳିଝଗଡ଼ା ଲାଗି ରହିଥିଲା। ଗୁରୁବାର କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଆଜି ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ସୁରେଶ କରୁଆବାହାଲ ସାପ୍ତାହିକ ହାଟକୁ ସଉଦା କରିବାକୁ ଆସିଥିଲେ। ହାଟରେ ଅନ୍ୟ ଜଣଙ୍କ ସହ କଥା ହେଉଥିଲାବେଳେ ଏକ ବାଇକ୍‌ରେ ସୁନୀଲ, ବିନୟ ଓ ବିଶାଳ ପହଞ୍ଚି ପାଟିତୁଣ୍ଡ କରିଥିଲା। ପ୍ରତିବାଦ କରିବାରୁ ସୁନୀଲ ପକେଟରୁ ଏକ ଦେଶୀ ବନ୍ଧୁକ ବାହାର କରି ସୁରେଶଙ୍କ ଉପରକୁ ଗୋଟିଏ ରାଉଣ୍ଡ ଗୁଳି ଚଳାଇଥିଲା। ଗୁଳିଟି ତାଙ୍କ ପଛପାର୍ଶ୍ୱ ପିଠିରେ ବାଜିବାରୁ ସେ ଗୁରୁତର ହୋଇ ତଳେ ପଡିଯାଇଥିଲେ। ଗୁଳିକାଣ୍ଡ ପରେ ସୁନୀଲ, ବିନୟ ଓ ବିଶାଳ ଘଟଣାସ୍ଥଳରୁ ବାଇକ ଯୋଗେ ଫେରାର ହୋଇଯାଇଥିଲା।

## ବେତନଟୀ କୋର୍ଟରେ ମହିଳା ସୁରକ୍ଷା ନେଇ ସଚେତନତା ଶିବିର



ବେତନଟୀ , ୦୮/୩ (ନି.ପ୍ର): ମହିଳା ଦିବସ ଉପଲକ୍ଷେ ବେତନଟୀ କୋର୍ଟ ରେ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ନେଇ ଏକ ସ୍ୱତନ୍ତ୍ର ବୈଠକ ରେ ଜେଏମଏଫସି କୋର୍ଟ ର ବିଚାରପତି ଅଭିନାଶ ନାଇଡୁ ଅଧ୍ୟକ୍ଷତା ରେ ଅନୁଷ୍ଠିତ ସଭାରେ ବେତନଟୀ ଓକିଲ ସଂଘ ସଭାପତି ଦେବବ୍ରତ ପରିଡ଼ା, ସମ୍ପାଦକ ପ୍ରବୀର ବାରିକ, ବରିଷ୍ଠ ଓକିଲ ସଞ୍ଜୟ ରାଉତ , ଓକିଲ ରୁପଶ୍ରୀ ବାରିକ ପ୍ରମୁଖ ମଞ୍ଚାସୀନ ରହି ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପଦ୍ମାମାଳୀ ମହିଳା ସଙ୍ଘ ର ସମ୍ପାଦକ ପ୍ରଭାତି ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ବିନୋଦିନୀ ମହାନ୍ତ, ମନୋରମା ସାହୁ, ଶନା ଖାତୁନ, ରଞ୍ଜିତା କର , ମନିଲତା ବଳା, ସୁଭସ୍ମିତା ସେନାପତି, ମିନତି ସାହୁ , ପାମେଲା ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପିକ ଅପ୍ ଭ୍ୟାନ ଓଲଟି ୩ ମୃତ, ୧୫ ବରଯାତ୍ରୀ ଗୁରୁତର

ରାଉରକେଲା, ୦୮/୩ (ନି.ପ୍ର): ପିକ ଅପ୍ ଭ୍ୟାନ ଓଲଟି ୩ ମୃତ, ୧୫ ବରଯାତ୍ରୀ ଗୁରୁତର। ଗୁରୁତରଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପଠାଯାଇଛି। ସୂଚନା ଅନୁଯାୟୀ, ଝାରଖଣ୍ଡରୁ ବରଯାତ୍ରୀ ଦଳ ଲାଠିକଟା ଥାନାର ଅଟାଘାଟ ଅଞ୍ଚଳକୁ ଆସୁଥିଲେ। ଭାରସାମ୍ୟ ହରାଇ ଗାଡ଼ିଟି ମୁଣ୍ଡାଜୋର ନିକଟରେ ଓଲଟି ପଡ଼ିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛି। କିଛି ଗୁରୁତର ବରଯାତ୍ରୀଙ୍କୁ ଜେପି ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି।

## ‘ଶୋଭା’ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ପାଳିତ




ଉଦଳା , ୦୮/୩ (ନି.ପ୍ର): ସ୍ୱେଚ୍ଛାସେବି ସଂଗଠନ ‘ଶୋଭା’ ତରଫରୁ ‘ରିଲାଏନ୍ସ ଫାଇଣ୍ଡେସନ’ ଓ ‘ହାଇଫର’ର ସହଯୋଗରେ ଉଦଳା ବ୍ଲକର ପାଟଶାଣିପୁର ପଂଚାୟତ ଅନ୍ତର୍ଗତ ତେନ୍ତଲା ଗ୍ରାମଠାରେ ଚଳିତ ମାର୍ଚ୍ଚ ୫ ଓ ୬ ତାରିଖ ଦୁଇଦିନ ଧରି ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମହିଳା ମାନଙ୍କୁ ନେଇ ବିଭିନ୍ନ ପ୍ରକାର ଖେଳ ପ୍ରଥମ ଦିବସରେ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ଦିବସରେ ପ୍ରଦର୍ଶନୀ ଷ୍ଟଲ ଖୋଲାଯିବା ସହିତ ଆଲୋଚନାଚକ୍ର ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଥିଲା । ଶୋଭାର ସଂପାଦକ ରଂଜନ ମିଶ୍ର ଆୟୋଜିତ ସମସ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେବା ସହିତ ସାଧାରଣ ସଭାରେ ଅଧ୍ୟକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉଦ୍ୟାନବିତ ସ୍ୱାଗତିକା, କୃଷିଅଧିକାରୀ ଅଙ୍କିତା, ରିଲାଏନ୍ସ ଫାଉଣ୍ଡେସନର ମମତା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ମହିଳା ଦିବସ ପାଳନର ଉଦେଶ୍ୟ ସମ୍ପର୍କରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାପରେ ବିଭିନ୍ନ କ୍ଷେତ୍ରରେ ଉଲେଖନୀୟ ଅବଦାନ ପାଇଁ କିଛି ମହିଳାଙ୍କୁ ମାନପତ୍ର, ଉତରୀୟ ଓ ପୁଷ୍ପଗୁଛ ଅର୍ପଣ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ମହିଳା ମାନଙ୍କ ଦ୍ୱାରା ଏକ ସଚେତନତା ମୂଳକ ନାଟକ ମଂଚସ୍ଥ ହୋଇଥିଲା ।

## ବାଲିଆପାଳର ବିଭିନ୍ନ ଶୈବ ପୀଠରେ ଜାଗର ଓ ମହା ଶିବରାତ୍ରି



ବାଲିଆପାଳ ୮/୩(ନି ପ୍ର) ବାଲିଆପାଳର ବିଭିନ୍ନ ଶୈବ ପୀଠରେ ଆଜି ଜାଗର ଓ ମହା ଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି । ପ୍ରାଚୀନ ଲଙ୍ଗଳେଶ୍ୱର ହର ପାର୍ବତୀ ଶୈବ ପୀଠରେ ଏଥି ପାଇଁ ଆଜି ପ୍ରାତଃରୁ ଭକ୍ତମାନଙ୍କ ଗହଳି ଦେଖିବାକୁ ମିଳିଛି । ଆଜିଠୁ ଏଠାରେ ପନ୍ଦର ଦିନ ଧରି ଜାଗର ମେଳା ବସୁଥିବାବେଳେ ମହାଦୀପ ଭୋର ବେଳକୁ ଉଠିବ ବୋଲି ପୂଜକଙ୍କ ଠାରୁ ସୂଚନା ମିଳିଛି । ପ୍ରାୟେ ଦଶ ହଜାର ଭକ୍ତ ଏଠାରେ ଜାଗର ଦୀପ ଜଳାଇବେ । ଭକ୍ତ ମାନଙ୍କ ସୁରକ୍ଷା ପାଇଁ ସିଂଲା ଥାନା ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ନିଖିରେଶ୍ୱର ଶୈବ ପୀଠରେ ମଧ ଅନୁକୂଳ ପାଗ ଥିବାରୁ ଅଧିକ ଭକ୍ତଙ୍କ ସମାଗମ ହୋଇଛି । ଏଠାରେ ଭକ୍ତ ମାନଙ୍କ ସୁରକ୍ଷା ପାଇଁ ମନ୍ଦିର ପରିଚାଳନା କମିଟି ଓ ବାଲିଆପାଳ ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ମହାଦୀପ ମଧ ଭୋର ସମୟରେ ଉଠିବ । ସେହିପରି ଜଗତେଶ୍ୱର, ରନେଶ୍ୱର, ନାଭଡେଶ୍ୱର, ବାବା ଭୈରବ, ଖଗଡେଶ୍ୱର, କଞ୍ଚାନେଶ୍ୱର, ଆଖଣ୍ଡଳମଣି, ବୈଦନାଥେଶ୍ୱର , ଚାନ୍ଦେଶ୍ୱର, ପାରୁଳେଶ୍ୱର ଆଦି ଶୈବ ପୀଠରେ ଜାଗର ଓ ମହା ଶିବରାତ୍ରି ଅନୁଷ୍ଠିତ ହୋଇଯାଇଛି । କେତେକ ଶୈବ ପୀଠରେ ଜାଗର ଓ ମହା ଶିବରାତ୍ରି ଅବସରରେ ଯାତ୍ରା, ଭଜନ ସନ୍ଧ୍ୟା, ମେଲୋଡି ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି ।

## ଶ୍ରମମନ୍ତ୍ରୀଙ୍କ କାରକୁ ଧକ୍କାଦେଲା ହାଇଓ୍ୱା: ବର୍ତ୍ତିଲେ ସାରଦା, ପିଏସ୍ଓ ଆହତ

ରାଉରକେଲା, ୦୮/୩ (ନି.ପ୍ର): ତରକେରା ଶିବମନ୍ଦିର ନିକଟ ୧୪୩ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡା ହୋଇଥିବା ରାଜ୍ୟ ଶ୍ରମମନ୍ତ୍ରୀ ସାରଦା ନାୟକଙ୍କ ଇନୋଭା କାରକୁ ପଛରୁ ଏକ ହାଇଓ୍ୱା ଧକ୍କା ଦେଇଛି। ସୌଭାଗ୍ୟବଶତଃ ମନ୍ତ୍ରୀ ଶ୍ରୀ ନାୟକ ଗାଡ଼ିରୁ ଓହ୍ଲାଇ ମନ୍ଦିର ଦର୍ଶନ କରିବାକୁ ଯାଇଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ଗାଡ଼ିରେ ଥିବା ମନ୍ତ୍ରୀଙ୍କ ପିଏସ୍ଓ ଆହତ ହୋଇଛନ୍ତି। ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ହାଇଓ୍ୱା ମନ୍ତ୍ରୀଙ୍କ ଗାଡ଼ିକୁ ଧକ୍କା ଦେବା ପରେ ଅନ୍ୟ ଏକ କାର ସହ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ଦୁଇ ମହିଳାଙ୍କୁ ମଧ ଧକ୍କା ଦେଇଥିଲା। ମହିଳା ଦୁହେଁ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ରଘୁନାଥପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ହାଇଓ୍ୱାକୁ ଜବତ କରିଛି। ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Managing & Executive Editor : Srustidhar Parida
❒ Editor: Sairindhree Sahoo